


RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ଜୁନ୍ ୨୦୧୮
ମୂଲ୍ୟ : ୨୫ ଟଙ୍କା
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
PRACHEE





*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ


**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**


ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଚତୁର୍ଥ ବର୍ଷର ତୃତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ଡ଼

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଟୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-4, June 2018, Issue No. III

RNI No. : ODIODI/2015/64435

P.R. No. : CK(C)/96/2016-2018



ପ୍ରାଚୀ ପରିବାର :

ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ

ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା

ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ

ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା

ଉପସ୍ଥାପନା :
ମମତା ଖଣ୍ଡାୟତରାୟ

ଡିଟିପି :
ମନୋଜ କୁମାର ଦାସ

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ

ଅଳଙ୍କରଣ :
ବିଜୟ କୁମାର ସାହୁ

ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ

ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ

ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ

ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।



Declaration
Edited, Published & Owned by :
Dr. Bibhudatta Khandayatray



Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in


## ଏଇ ସଂଖ୍ୟାରେ...


### ପ୍ରବନ୍ଧ

- ଜରଦ୍‌ଗବର ଆଖି
  ନିଶିକାନ୍ତ ପାଢ଼ୀ ୦୭

### ଗଳ୍ପ

- ତୁମେ ଆସିବ ବୋଲି
  ବିନୟ ମହାପାତ୍ର ୧୦
- ପ୍ରେମ ଏକ ଅଭୁଲା ସ୍ମୃତି
  ଶାସ୍ୱତୀ ସାମଲ ୧୧
- (ପାଉଁଜି) ଏଇ ବୋଧେ ପ୍ରେମ
  ଅନୀଲ୍ କୁମାର ସାହୁ ୧୪
- ଦୃଷ୍ଟାନ୍ତ ନାରୀଟିଏ
  ବଳବନ୍ତ ସାହୁ ୧୬
- ଅଧା ରହିଗଲା ରାକ୍ଷୀ ବନ୍ଧନ
  ପ୍ରକାଶ ସାହୁ ୧୯
- ମାତା ପିତାଙ୍କର ଭୂମିକା କ'ଣ ?
  ଦେବବ୍ରତ ଦାସ ୨୨
- ଆଜ୍ଞା ଆପଣେ
  ପ୍ରସନ୍ନ କୁମାର ମାଦଳା ୨୩
- ମାତୃଭାଷା ମୋ ପରିଚୟ
  ମାନସ ରଞ୍ଜନ ପଟ୍ଟନାୟକ ୨୫
- ଧୋକା
  ଗୀତାଞ୍ଜଳି ନାୟକ ୨୭
- ମଣିଷ ପଣିଆ
  ପ୍ରସନ୍ନ କୁମାର ଜେନା ୩୧

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ଼ ......................................

ମୋବାଇଲ୍ ନମ୍ବର ........................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................. ତାରିଖ.......................................................

ବ୍ୟାଙ୍କ୍......................................... ସ୍ଥାନ.......................................................

ତାରିଖ.......................................... ଦସ୍ତଖତ..................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ଜରଦ୍‌ଗବର ଆଖି

- ନିଶିକାନ୍ତ ପାଢ଼ୀ

ବୃଦ୍ଧ ଜରଦ୍‌ଗବ ଉପରେ ଶାଗୁଣା ପକ୍ଷୀ ଶାବକମାନଙ୍କର ଦାୟିତ୍ୱକୁ ନ୍ୟସ୍ତକରି ବାପା ମାଆମାନେ ବସା ଛାଡି ଚାଲିଯାଉଥିଲେ ଖାଦ୍ୟର ଅନ୍ୱେଷଣରେ । ବାର୍ଦ୍ଧକ୍ୟ ଭାରରେ ଜରଦ୍‌ଗବ ଦୃଷ୍ଟିଶକ୍ତି ହରାଇ ବସିଥିଲା । ଯାହାର ସୁଯୋଗ ନେଇ ହୀନମତି ବିରାଡି ବିଶ୍ୱାସରେ ବିଷ ଦେଇ ବସାରେ ପ୍ରବେଶକରି ପକ୍ଷୀ ଶାବକମାନଙ୍କୁ ମାରିଖାଇ ଥିଲା । ଶେଷରେ ସନ୍ଦେହର ବଳୟକୁ ଆସିଥିଲା ଜରଦ୍‌ଗବ । ପକ୍ଷୀମାନଙ୍କର ଜନକ ଜନନୀଙ୍କୁ ସେ କୌଣସି ପ୍ରକାରେ ବୁଝାଇ ନ ପାରି ଶେଷରେ ନିଜ ଜୀବନକୁ ମୃତ୍ୟୁମୁଖକୁ ଠେଲି ଦେଇଥିଲା । ତେବେ ଏହି କାହାଣୀ ବିଶ୍ୱାସ ଓ ଅବିଶ୍ୱାସ ଉପରେ ପର୍ଯ୍ୟବସିତ । ବିଶ୍ୱାସ ବୋଲି କିଛି ଅଛି ବୋଲି ଏତେବଡ ବିଶାଳ ଜୀବଜଗତ ତିଷ୍ଠିରହିଛି । ଯେଉଁଠି ବିଶ୍ୱାସରେ ବିଷ ମିଶୁଛି, ସେଠାରେ ଜୀବନ ସବୁ ନିଷ୍ପେସିତ ହେଉଛନ୍ତି । ବାପା, ମାଆମାନେ ନିଜର ଜନ୍ମକଲା ପୁଅଝିଅମାନଙ୍କୁ ବିଶ୍ୱାସ କରନ୍ତି । ବନ୍ଧୁ ବନ୍ଧୁକୁ ବିଶ୍ୱାସ କରେ । ପାଳିତ ଶ୍ୱାନ ତାର ମାଲିକକୁ ବିଶ୍ୱାସ କରେ । ଉପରିସ୍ଥ କର୍ମଚାରୀମାନେ ତଳ କର୍ମଚାରୀମାନଙ୍କୁ ବିଶ୍ୱାସ କରନ୍ତି । ନେତା ଓ ମନ୍ତ୍ରୀମାନେ ନିଜର ସଚିବମାନଙ୍କୁ ବିଶ୍ୱାସ କରନ୍ତି । ଦେଶ ଓ ସମାଜର ଜନସାଧାରଣମାନେ ନିଦ ନିଜର ନିର୍ବାଚିତ ପ୍ରତିନିଧିମାନଙ୍କ ଉପରେ ବିଶ୍ୱାସ ରଖନ୍ତି । ରୋଗୀ ଡାକ୍ତରବାବୁଙ୍କ ଉପରେ ବିଶ୍ୱାସ ରଖେ । ଗ୍ରହପୂଜା ଅବା ଅଷ୍ଟାଧ୍ୟାୟୀ ଅଥବା ଚଣ୍ଡୀପୀଠ କରାଇଥିବା ଯଜମାନ ପଣ୍ଡିତଙ୍କ ଉପରେ ବିଶ୍ୱାସ ରଖେ । ପିଲାଙ୍କୁ ଟଙ୍କା ପଇସା ଖର୍ଚ୍ଚକରି ପାଠ ପଢାଉଥିବା ଅଭିଭାବକମାନେ ସ୍କୁଲ୍, କଲେଜ ତଥା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଉପରେ ବିଶ୍ୱାସ ରଖନ୍ତି । ତଥାପି ଏତେଗୁଡିଏ ବିଶ୍ୱାସ ଭିତରେ ଯେ ବେଳେ ବେଳେ ବିଷ ଭରିଯାଏ, ତାହା ହୁଏତ ଆମ୍ଭମାନଙ୍କର ଜରଦ୍‌ଗବ ଆଖି କେବେ ଦେଖିପାରେ ନାହିଁ । ଆଜି ଆମେ ବିଶ୍ୱାସ ବୋଲି ଯାହାକୁ ମନେକରୁଛେ ତାହା ଏକ ପ୍ରଚଣ୍ଡ ଅବିଶ୍ୱାସ କହିଲେ କିଛି ଭୁଲ୍ ହେବନାହିଁ । ଆଉରଙ୍ଗଜେବ୍‌ଙ୍କ ପରି ପରାକ୍ରମୀ ମଣିଷମାନେ କ୍ଷମତା ଲୋଭରେ ଯେତେବେଳେ ବୃଦ୍ଧ ପିତାଙ୍କୁ ପଥରର ଦୁର୍ଗ ବନ୍ଦୀ କରନ୍ତି । ନିର୍ଯ୍ୟାତନା ଦିଅନ୍ତି, ଏହାଠାରୁ ଅବିଶ୍ୱାସ ବା କଣ ଥାଇପାରେ, ଭାରତବର୍ଷର ଇତିହାସରେ । ହେଲେ ବୃଦ୍ଧ ଶାହାଜାହାନଙ୍କର ଜରଦ୍‌ଗବ ଆଖି କେବେ ବି ଦେଖିପାରୁ ନ ଥିଲା ପୁତ୍ର ଦୋଷକୁ ।

ସାଂପ୍ରତିକ ସମାଜରେ ମଣିଷମାନେ ସଭ୍ୟ ଶିକ୍ଷିତ ତଥା ସମ୍ଭ୍ରାନ୍ତ ହୋଇ ମଧ୍ୟ ଜରଦ୍‌ଗବର ଆଖି ନେଇ ବସବାସ କରୁଛନ୍ତି । ଆଜିକାଲିର ପରିବାର ମଧ୍ୟରେ ସମସ୍ତ ପରିବାରବର୍ଗଙ୍କୁ ଅଖଣ୍ଡ ସ୍ୱାଧୀନତା ଆଣିଦେଇଛି । ହାତଘୋଷରା ଅବା ଟଚ୍‌ସ୍କ୍ରିନର ସ୍ମାର୍ଟ ଫୋନ୍ । ସମସ୍ତେ ଆଜି ସତେ ଯେପରି ହଜି ଯାଉଛନ୍ତି ସେହି ସ୍ମାର୍ଟଫୋନ୍‌ର ରଙ୍ଗୀନ୍ ଦୁନିଆ ଭିତରେ । ଚଳଚଞ୍ଚଳ ତଥା କୋଳାହଳମୟ ପରିବେଶ, ପରିବାର ତଥା ସମାଜ ସତେ ଯେପରି ଆଜି ନିସ୍ତବଧ ହୋଇପଡିଛି । ଆଜି ପରିବାର ମଧ୍ୟରେ ଆଲୋଚନା ନାହିଁ । ଆଈମା'ର ଗପ ପେଡି ନାହିଁ । ମାଆଙ୍କର ରାମାୟଣ, ମହାଭାରତ ଅବା ଗୀତା ଭାଗବତର ଆଦର୍ଶ କଥା ନାହିଁ । ବାପାଙ୍କର ସମୟ ଥିଲେ ବି ଆଉ ପିଲାମାନଙ୍କର ପାଠପଢା ପାଖରେ ବସୁନାହାନ୍ତି । କାହାରି ଭୁଲ୍ ଠିକ୍ ଦେଖିବାକୁ ଆଜି ବୋଧେ କେହି ନାହାନ୍ତି । ପୁଅଝିଅମାନେ ଶସ୍ତାପ୍ରେମରେ ଉବୁଟୁବୁ ହୋଇ ବ୍ଲୁହ୍ୱେଲ୍ ଦେଖି ହାତର ଶିରା କାଟି ଦେଉଛନ୍ତି । ବିବାହିତା ପୁରୁଷମାନେ ପରଦାରେ ଯୁବତୀମାନଙ୍କ ସହିତ ପ୍ରେମାଳାପରେ ଗଦ୍ ଗଦ୍ ହେଉଛନ୍ତି । ବିବାହିତା ନାରୀମାନେ ନୂଆ ଦୁନିଆର ନୂଆ ସାଥି ପାଇଁ ଘର ସଂସାରକୁ ଗୋଇଠା ମାରି ରାତି ଅଧରେ ଅନ୍‌ଲାଇନ୍ ଖୋଲି ବସୁଛନ୍ତି । ଏ ଜରଦ୍‌ଗବ ଆଖି ସବୁ ଦେଖୁଛି, ମାତ୍ର କିଛି ଦେଖିପାରୁନି ।

ସମସ୍ତେ ସବୁକିଛି ଅବଗତ ହେଉଛନ୍ତି, ତେବେ କେହି କାହାକୁ କିଛି କହିପାରୁନି । ଆଧୁନିକ ବିଜ୍ଞାନକୁ ନେଇ ଆମର ଜୀବନ ଶୈଳୀ ଦିନକୁ ଦିନ ସେତିକି ସେତିକି କମିଯିବାରେ ଲାଗିଛି । ପୁଅଝିଅମାନେ ଯେତେ ଭୁଲ୍ କଲେ ମଧ୍ୟ ବାପା ମା'ମାନଙ୍କର ଜରଦ୍‌ଗବ ଆଖିରେ ସେମାନେ ଶାନ୍ତ, ସରଳ ତଥା ପୁଣ୍ୟ ପଥର ପଥିକ । ବିଦେଶରେ ପୁଅବୋହୂ ଅୟସ କରୁଛନ୍ତି । ଗାଁରେ ବାପା ମା' ପର ଘରେ ମୂଲ ଲାଗି ଚଳୁଛନ୍ତି । ତଥାପି ସେମାନଙ୍କ ଆଖିରେ ପୁଅ ହେଉଛି ରାମଚନ୍ଦ୍ର-ସୁପୁତ୍ର, ସୁସନ୍ତାନ । କେହି କିଛି କଟାକ୍ଷ କଲେ ମୋଡି ମକଚି ହୋଇଯାଉଛି ସେମାନଙ୍କର ମନ ଓ ହୃଦୟ । ନିଆଁ ଲାଗିଯାଉଛି ଦେହସାରା । ହେଲେ ସେମାନଙ୍କର ଜରଦ୍‌ଗବ ଆଖିରୁ ନା ପରଳ ହଟୁଛି ନା ସେମାନେ ନିଛକ ବାସ୍ତବତାକୁ କାହା ଆଗରେ ପ୍ରକାଶ କରୁଛନ୍ତି ।

ଏବେ ପାଠକବନ୍ଧୁ ଆସନ୍ତୁ ନଜର ପକାଇବା ଆମର ଶାସନ ବ୍ୟବସ୍ଥା ଉପରେ । କେନ୍ଦ୍ର ହେଉ ଅବା ରାଜ୍ୟ, ସବୁଠି କ୍ଷମତା ପଶାପାଲିର ଗୋଟି ଗଡୁଛି । ଗଣତନ୍ତ୍ରର ମହାସମାଧି ଉପରେ ଚାଲୁଛି ନିର୍ବାଚନ । ଦଳେ ଆପାରଗ ମଣିଷ, ଭଣ୍ଡ, ପ୍ରତାରକ, ଠକ ତଥା ପ୍ରବଞ୍ଚକ ଆସୁଛନ୍ତି ଆମକୁ ଶାସନ କରିବା ପାଇଁ । ସେମାନଙ୍କର ମିଥ୍ୟା ପ୍ରଲୋଭନ ଭରା ପ୍ରତିଶ୍ରୁତି, ଛଳନାପୂର୍ଣ୍ଣ ଅଭିନୟ ତଥା ପ୍ରତାରଣାକୁ ବିଶ୍ୱାସ କରିଯାଉଛୁ, ଆମେ ଜରଦ୍‌ଗବମାନେ । ପାଟି ଖୋଲିଲେ କି ପ୍ରତିବାଦ କଲେ ଅର୍ଥବଳ, ଓ ବାହୁବଳରେ ବ୍ଲାକ୍‌ମେଲିଂ କରାଯାଉଛି, ଆମ୍ଭମାନଙ୍କୁ । ଉଦାହରଣ ପରେ ଉଦାହରଣ ସୃଷ୍ଟି ହେଉଛି । ତଥାପି ସେମାନଙ୍କର ବିଜ୍ଞାପନର ହୋର୍ଡିଂ ଦେଖି 'ସିଯାଉଛନ୍ତି ଜରଦ୍‌ଗବମାନେ । 'ଳରେ ପୃଥିବୀର ବୃହତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷରେ ଦାରିଦ୍ର୍ୟ ଓ ଅପରାଧର ମାତ୍ରା ବଢିବାରେ ଲାଗିଛି । ଆମରାଜ୍ୟ ଓଡିଶାରେ ମଧ୍ୟ ଏକ ମେରୁଦଣ୍ଡ ହୀନ ଶାସନ ବ୍ୟବସ୍ଥା ବିପର୍ଯ୍ୟସ୍ତ କରି ପକାଇଛି ବିକାଶର ଧାରାକୁ । ରାଜଧାନୀକୁ ସ୍ମାର୍ଟ ସିଟି କରିବାରେ ରାଜ୍ୟର ବିକାଶକୁ ସମ୍ପୂର୍ଣ୍ଣ ଭାବେ ଠାବ କରିହୁଏନା । ରାଜଧାନୀ ହେଉଛି ରାଜନେତାଙ୍କର ସ୍ୱପ୍ନପୁରୀ । ଯେଉଁଠି ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରେ ଦାରିଦ୍ର୍ୟ ଓଡିଆମାନଙ୍କର ଭାଗ୍ୟକୁ ନେଇ ଚାଲେ ଅଙ୍କକଷା । ସ୍ୱାର୍ଥ ଆଉ ଅର୍ଥକୁ ନେଇ ଶସ୍ତା ଯୋଜନାମାନ ଗଢାଯାଏ ଆଉ କାଙ୍ଗାଳମାନଙ୍କୁ ବ୍ଲାକ୍‌ମେଲିଂ କରି କିପରି ଭୋଟକୁ ଆପଣେଇ ହେବ ସେଥିପାଇଁ ନକ୍ସାମାନ ମଧ୍ୟ ତିଆରି କରାଯାଏ । କେହି କେବେ ଯାନ୍ତି ନାହିଁ ଆତ୍ମହତ୍ୟା କରୁଥିବା ଚାଷୀର ପରିବାର ପାଖକୁ । କେହି କେବେ ଶୁଣନ୍ତି ନାହିଁ ଶିଶୁହରା ମା'ର ଦୁଃଖକୁ ଆଉ କେହି କେବେ ଦେଖନ୍ତି ନାହିଁ ଭୋକିଲା ଭୂଗୋଳର ମାନଚିତ୍ରକୁ । ତଥାପି ଆମେ ଜରଦ୍‌ଗବ ଚିତ୍କାର କରୁ ଏ ଦେଶ ଆଗେଇଛି । ଏ ସମାଜ ଆଗେଇଛି, ଆଉ ଆମେ ବି କେତେ ପାଦ ଆଗେଇଛୁ । କିନ୍ତୁ ପ୍ରକୃତରେ ଆମେ ଯେଉଁଠି ଅଛୁ ସେଇଠି । ଆଜି ଶିକ୍ଷାନୁଷ୍ଠାନ ତଥା ଡାକ୍ତରଖାନା ଖୋଲିଥିବା ମଣିଷମାନେ ଜେଲ୍‌ରେ ଘଣା ପେଲୁଛନ୍ତି । ଭଗବାନ ବୋଲାଉଥିବା ସଇତାନମାନଙ୍କୁ ଆଇନ ବାନ୍ଧି ପକାଇଛି, ତଥାପି ଆମେ ଅନ୍ଧ ଜରଦ୍‌ଗବମାନେ ସେମାନଙ୍କୁ ବିରୋଧ କରୁନୁ । ସେମାନଙ୍କ ଶିକ୍ଷାନୁଷ୍ଠାନରେ ଲକ୍ଷ ଲକ୍ଷ ଟଙ୍କା ଦେଇ ପିଲାଙ୍କୁ ପାଠ ପଢାଉଛୁ । ସେମାନଙ୍କ ଡାକ୍ତରଖାନାରେ ପିଲାଙ୍କୁ ଚିକିତ୍ସା କରାଉଛୁ, ଆଉ ସେହି ବାବା ମାତାମାନଙ୍କୁ ଏବେ ବି ଆମେ ମନେ ପକାଉଛୁ । ଆଖି ଥାଇ ବୋଧେ ଆମେ ସବୁ ଆଜି ଅନ୍ଧ ପାଲଟି ଯାଇଛୁ । ଯାହା'ଳରେ ଆମେ ଭୁଲ୍ ଠିକ୍ ଜାଣିପାରୁନୁ । ଏଇଆ ତ । ନା, ନା, ଏହା ଭୁଲ୍ କଥା । ଆମେ ଖୁବ୍ ବୁଦ୍ଧିଆ, ଆମେ ଖୁବ୍ ଚାଲାକ୍ । ନିଜର ସ୍ୱାର୍ଥ ପାଇଁ ତଥା ମୋଟା ଅଙ୍କର ଅର୍ଥ ପାଇଁ ଆମେ ନିଜକୁ ଆଜି ବହୁରୂପୀ ସଜାଇ ଦେଉଛୁ । ବର୍ଷା ଯୁଆଡେ ଛତା ସିଆଡେ ପରି ଆମେ ଆଜି ରାଜନୈତିକ ଦଳ ପରିବର୍ତ୍ତନ କରୁଛୁ । ତଥାପି ଜରଦ୍‌ଗବ ଆଖିରେ ଆମେ ନୀତି ଅନୀତି, ଧର୍ମ ଅଧର୍ମ ତଥା ପାପ ପୁଣ୍ୟକୁ କେବେ ଦେଖିପାରୁନୁ ।

ଏବେ ଆସନ୍ତୁ ଯିବା ଆମର ଜାତୀୟତା, ଭାଷା ଓ ସଂସ୍କୃତିର ସାଂପ୍ରତିକ ବ୍ୟବସ୍ଥା ଉପରକୁ । ବର୍ଷ ବର୍ଷଧରି ଭାଷା ଆନ୍ଦୋଳନ ଚାଲିଛି । ଗଣମାଧ୍ୟମରେ ଭାଷା ସୁରକ୍ଷାର ବାର୍ତ୍ତା ମଧ୍ୟ ଦିଆଯାଉଛି । ହେଲେ ଭାଷା ବଂଚି ପାରୁନି । ଏହାର ପଛରେ କାମ କରୁଛି ଓଡିଆମାନଙ୍କର ନିଷ୍ଠୁରତା । ଓଡିଆମାନେ ଆଜି ନିଜ ସଂସ୍କୃତି, ଚାଲିଚଳଣି ଆଉ ପରମ୍ପରାକୁ କେବେ ପସ କରୁନାହାଁନ୍ତି । ସେମାନଙ୍କର ଦେହ

ଦେଶୀ, ମାତ୍ର ମନ ଆଉ ହୃଦୟ ସବୁ ବିଦେଶୀ ପାଲଟି ଗଲାଣି । ଓଡିଆର ପରିଚୟ ଦେବା ପାଇଁ ଆଜି ଓଡିଆମାନଙ୍କୁ ଲାଜ ଲାଗୁଛି । ରାଜ୍ୟରେ ଭାଷା ଆନ୍ଦୋଳନ ବଳବତର ଥିବାବେଳେ ବିଦ୍ୟାଳୟମାନଙ୍କରେ ଓଡିଆ ପଦେ କହିଲେ ଦଣ୍ଡ ମିଳୁଛି । ଇଂରାଜୀ ମାଧ୍ୟମ ବିଦ୍ୟାଳୟଗୁଡିକରେ ଓଡିଆ ଭାଷାର ଶିକ୍ଷାଦାନ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ । ଗଣମାଧ୍ୟମରେ ଆଙ୍କରିଙ୍ଗରେ ଇଂରାଜୀ ଭାଷାକୁ ପ୍ରାଧାନ୍ୟ ଦିଆଯାଉଛି । ଭାଷଣ, ପ୍ରବଚନ ତଥା ନିତିଦିନିଆ କଥୋପକଥନରେ ମଧ୍ୟ ଇଂରାଜୀ ଭାଷାର ବହୁଳ ବ୍ୟବହାର କରାଯାଉଛି । ଏସବୁ ବିରୋଧରେ ପ୍ରତିବାଦ ପାଇଁ ଜରଦ୍‌ଗବମାନେ ଆଗେଇ ଆସୁନାହାନ୍ତି । ଅଥଚ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଭାଷା ସୁରକ୍ଷାର ବ୍ୟବସ୍ଥା କରାଯାଉଛି । ଓଡିଆମାନଙ୍କ ମନ ଓ ହୃଦୟରେ ଆନ୍ତରିକତା ଓ ସଚେତନତା ଜାଗ୍ରତ ନ ହେଲେ ତଥା ଭାଷା ଜୀବନ ଜୀବିକାର ସମ୍ବଳ ଯୋଗାଡ କରି ନ ପାରିଲା ତଥା ଓଡିଆ ଭାଷାକୁ କମ୍ପ୍ୟୁଟର ଉପଯୋଗୀ କରାଯାଇ ନ ପାରିଲେ କୌଣସି ମହାସଂଗ୍ରାମ ମନ ଓ ହୃଦୟରେ ସୃଷ୍ଟି ହେଉ, ପରିବାର ମଧ୍ୟରେ ସୃଷ୍ଟି ହେଉ । ଖାଲି ରାଜଧାନୀର ଛାତିରେ କ୍ୟାମେରା ଆଗରେ ଅନଶନ କଲେ ଭାଷା ବଂଚି ପାରିବନି । ଓଡିଆ ଭାଷାକୁ ଆପଣେଇବା ପାଇଁ ଓଡିଆମାନେ ନିଜର ଗର୍ବ ଓ ଗୌରବବୋଧ ଅତୀତକୁ ମନେ ପକାଇବା ଦରକାର ହେଉଛି । ଜରଦଗବମାନେ ବୁଝିପାରିଲେ ତ ! ଏବେ ପ୍ରଗତି ଓ ବିକାଶର କଥା ଆମେ ଆଲୋଚନା କରିବା । ଓଡିଶାର ମାଟିତଳେ ଅମାପ ଖଣିଜ ସମ୍ପଦ ଭରି ରହିଛି । ଓଡିଶାର ଲମ୍ବା ଉପକୂଳ ଲାଇନ୍ ମଧ୍ୟ ଅଛି । ଓଡିଶାରେ ଐତିହାସିକ ପର୍ଯ୍ୟଟନସ୍ଥଳୀମାନ ବହୁତ ରହିଛି । ଓଡିଶାରେ ଭରପୂର ଜଙ୍ଗଲ, ଖଣି, ଆଦି ରହିଛି । ତଥାପି ଆଜି ଓଡିଆମାନେ କାହିଁକି ବିପିଏଲ୍ ତାଲିକାରେ ନାଁ ଲେଖି ଦାରିଦ୍ର୍ୟର ପରିସଂଖ୍ୟାନ ମାତ୍ରାକୁ ବଢାଇବାରେ ଲାଗିଛନ୍ତି । ଖଟି ଖାଇବା, କାଟି ପିନ୍ଧିବାକୁ କେବେ ଗୁରୁତ୍ୱ ଦିଅନ୍ତି ନାହିଁ ଓଡିଆମାନେ । ତେଲୁଗୁ, ବିହାରୀମାନେ ଦିନରାତି ଖଟି ଓଡିଶାରୁ ପଇସା ଛାଣି ନିଅନ୍ତି, ଅଥଚ ଓଡିଆମାନେ ଭୋକ ଉପାସରେ କାଳ କାଟନ୍ତି । ଏହା କେତେ ଦୁର୍ଭାଗ୍ୟର କଥା । ଆଜି ଦେଶର ସର୍ବତ୍ର ଦୁର୍ନୀତି ଲମ୍ବିଛି । ନିର୍ମଳ ଭାବମୂର୍ତ୍ତି ବୋଲାଉଥିବା ମଣିଷମାନେ ଯେ ପ୍ରକୃତରେ କେତେ ସଇତାନ ତାହା ଖୁବ୍ ସ୍ପଷ୍ଟ ଭାବେ ବାରି ହୋଇଯାଉଛି । ବିଶେଷକରି ଓଡିଆମାନେ ଗୋଟିଏ ପରିବର୍ତ୍ତନ ଆଣିବାକୁ କେବେ ଚେଷ୍ଟା କରୁନାହାଁନ୍ତି । ଯାହା ହେଉଛି ସେମିତି ଚାଲିଥାଉ । ଯେତିକି ମିଳୁଛି ସେତିକି ମିଳୁ । ଜାତି, ଭାଷା, ସଂସ୍କୃତି, ତଥା ପରମ୍ପରା ସବୁ କୁଆଡେ ଲୁଚିଯାଉଛି ଲୁଚି ଯାଉ । ନିଜେ କିପରି ଅୟସ କରି ବଂଚି ପାରିବା, ବାରିପଟ ଜମିରେ ନ ଖଟି ସରକାରଙ୍କ ଅଫିସରେ ଘୁମେଇ ଘୁମେଇ ଟଙ୍କାକୁ ପକେଟକୁ ଆଣି ବାହାବା ଦେଖାଇବାରେ ଓଡିଆମାନେ ଓସ୍ତାଦ୍ । ହେଲେ ସେମାନଙ୍କର ଜରଦ୍‌ଗବ ଆଖି କେବେ ବି ଦେଖିପାରୁନି ଗୋଟିଏ ଯନ୍ତ୍ରଣା ଜର୍ଜରିତ ଜାତି, ଭାଷା ଓ ସଂସ୍କୃତିର ଭବିଷ୍ୟତକୁ । ଓଡିଆମାନଙ୍କୁ ପ୍ରକୃତି ସବୁକିଛି ଯୋଗାଇ ଦେଇଛି । ହେଲେ କାମ ନ କରି ଖାଇବାର ଦୁର୍ବଳ ମାନସିକତାକୁ ଆପଣେଇ ଓଡିଆମାନେ ଆଜି ଦାରିଦ୍ର୍ୟ କଷାଘାତରେ ନିଷ୍ପେସିତ ହେଉଛନ୍ତି । ଭାରତବର୍ଷର ଯେ କୌଣସି ରାଜ୍ୟକୁ ଯାଇ ଓଡିଆମାନଙ୍କ ସ୍ଥିତିକୁ ଅନୁଧ୍ୟାନ କଲେ ଖୁବ୍ ଦୁଃଖ ଲାଗିବ । ଓଡିଆମାନଙ୍କ ମଧ୍ୟରେ ଆଜି ଏକତା ନାହିଁ । ନିଜର ମାଟି ମା’ ତଥା ଭାଷା ସଂସ୍କୃତି ପ୍ରତି ମମତା ନାହିଁ । ଓଡିଶା ପାଇଁ କିଛି କରିବାର ମଧ୍ୟ ଚିନ୍ତା, ଚେତନା କି ପ୍ରେରଣା ମଧ୍ୟ ନାହିଁ । ଏ ପ୍ରକାର ହୀନମନ୍ୟତା ଦିନେ ଆମ ଜାତି, ସଂସ୍କୃତି, ଭାଷା ଓ ପରମ୍ପରା ପାଇଁ ଘୋର ବିପଦ ସୃଷ୍ଟିକରିବ, ଯାହାକି ଆମ୍ଭମାନଙ୍କର ଜରଦ୍‌ଗବ ଆଖିକୁ ଦେଖା ନ ଗଲେ ମଧ୍ୟ ଅବଶ୍ୟ ଘଟିବ । ତେବେ ସମୟ ଆସିଛି, ପ୍ରତ୍ୟେକ ଓଡିଆମାନଙ୍କୁ ଭାବିବା ପାଇଁ । ନିଜକୁ ଜରଦ୍‌ଗବ ଖୋଳପାରୁ ମୁକ୍ତ କରି ଗୋଟିଏ ସୁସ୍ଥ ତଥା ସକ୍ରିୟ ଚକ୍ଷୁ ଓ ସୂକ୍ଷ୍ମ ଅନ୍ତର୍ଚେତନା ନେଇ ନିଜ ଜାତି ଓ ଭାଷା, ସଂସ୍କୃତିର ସୁରକ୍ଷା ପାଇଁ ସୁଚିନ୍ତିତ ମତାମତ ସୃଷ୍ଟିକରନ୍ତୁ । ନିଜ ଘର ଓ ପରିବାର ମଧ୍ୟରେ ପ୍ରଥମେ ପରିବର୍ତ୍ତନର ଧାରା ସୃଷ୍ଟି କରନ୍ତୁ । ନିଜର ବହୁମୂଲ୍ୟ ମତାମତ ଦେଇ ସରକାର ଗଠନ କରିବାରେ ସାମିଲ୍ ହୁଅନ୍ତୁ । ନିଜ ଦେଶ ଓ ସମାଜକୁ ସମୃଦ୍ଧି ପଥେ ଆଗେଇ ନିଅନ୍ତୁ ।

ନନ୍ଦିଗ୍ରାମ, ନାଉଗାଁ ହାଟ, ଜଗତସିଂହପୁର

# ତୁମେ ଆସିବ ବୋଲି

- ବିନୟ ମହାପାତ୍ର

ତୁମେ ସିନା କେବେ କଥା ଦେଇନଥିଲ, ହେଲେ ମୁଁ ମୋ ଅଭ୍ୟାସ ବଦଳେଇ ପାରୁନି । ତୁମେ ଫଗୁଣକୁ ଭଲ ପାଅ, ହୋଲିର ରଙ୍ଗକୁ ଭଲ ପାଅ ସେଥିପାଇଁ ଭାବେ ତୁମ ଫଗୁଣରେ ନିଶ୍ଚୟ ଆସିବ । ପ୍ରତିଥର ପରି ଏଥର ବି ତୁମେ ଆସିବ ବୋଲି, ବସନ୍ତକୁ ଡାକିଥିଲି, ମଳୟକୁ ଆଉ କୋଇଲିକୁ ବି ଡାକିଥିଲି । ହେଲେ ତୁମେ ଆସିଲନି, କିଛି କଥା ନାହିଁ, ତୁମେ ଆସିଲନି ବୋଲି କିଛି ଦୁଃଖ ବି ନାହିଁ । ତୁମେ ଆସିଲନି ତ ଆସିଲନି କ'ଣ ବା ବିଗିଡ଼ିଗଲ !

ବସନ୍ତ ତା ସମୟରେ ଆସିଗଲା, ସବୁଦିଗରେ ତାର ରଙ୍ଗ ବିଛାଡ଼ି ଦେଲା, ମୋ ଅଗଣାର ଗୋଲାପ ଗଛରେ ଆଉ ରାସ୍ତକଡ଼ କୃଷ୍ଣଚୂଡ଼ା ଗଛକୁ ବି ନାଲି ଓଢ଼ଣୀ ଦେଇଗଲା, ଆଉ ସୋରିଷ ଖେତକୁ ହଳଦିଆ ଶାଢ଼ୀରେ ଢାଙ୍କି ଦେଲା । ଆଉ ତ ଆଉ, ଆମ୍ବ ଗଛରେ ବଉଳ ଆସିଲା, ମହୁଲର ଫୁଲ ମଳୟରେ ମହକି ଗଲା । କୋଇଲି କୁହୁ କୁହୁ ଗାଇଲା ଆଉ ପ୍ରେମୀ ହୃଦୟକୁ ରୋମାଂଚିତ କରିଗଲା । ବନ, ଉପବନ ତରୁ ଲତା ଆଉ ପବନ ସବୁ କିଛି ପ୍ରେମର ରଙ୍ଗରେ ସତେ ଯେମିତି ଜୁଡୁ ବୁଡୁ ହୋଇଗଲେ ।

ତୁମେ ଆସିଥିଲେ ମୋତେ ଭଲ ଲାଗିଥାନ୍ତା, ସାଥି ହୋଇ ଦେହକୁ ଦେହ ଲଗାଇ ପାର୍କର କଣରେ ସେହି ତୁମର ପ୍ରିୟ ପୁରୁଣା କୃଷ୍ଣଚୂଡ଼ା ଗଛ ତଳେ, ସିମେଂଟ ବେଂଚରେ ବସିଥାନ୍ତେ, ଯେମିତି କେବେ ଅତୀତରେ ବସୁଥିଲେ । ମୁଁ ତୁମ ହାତକୁ ମୋ ହାତରେ ଜାବୁଡ଼ି ଧରିଥାନ୍ତି । ଆମେ କିଛି ଗପ ସପ୍ କରି ଥାଆନ୍ତେ, ପୁରୁଣା ଦିନର ସ୍ମୃତି ସବୁ ମନେ ପକେଇ ଥାଆନ୍ତେ, ଆଉ କିଛି ଭବିଷ୍ୟତର ଯୋଜନା କରିଥାଆନ୍ତେ । ତୁମେ କିଛି କହିଥାଆନ୍ତ ମୁଁ ଶୁଣିଥାଆନ୍ତି, ଆଉ ମୁଁ କିଛି କହିଥାଆନ୍ତି, ତୁମେ ଶୁଣିଥାଆନ୍ତ । ଛୋଟ ଛୋଟ କଥାରେ ତୁମେ କେବେ ରୁଷି ଯାଇ ଥାଆନ୍ତ, ଯେମିତି ଆଗରୁ ରୁଷି ଯାଉଥିଲ ! ଆଉ ମୁଁ ଟିକେ ଗେହ୍ଲେଇ ଦେଲେ କୁନି ଝିଅଟିଏ ପରି ତୁମେ ଖିଲି ଖିଲି ହସିଦେଇ ଥାଆନ୍ତ ଆଉ ମୋ ଦେହକୁ ଆଉଜି ପଡ଼ିଥାଆନ୍ତ । ହେଲେ ତୁମେ ଆସିଲନି । ମୋ ସ୍ୱପ୍ନ ସବୁ କଳ୍ପନାରେ ହିଁ ରହିଗଲା । ମନେ ମନେ ଭାବେ ସେଠିକି ଯିଏ ଯାଏ ସେ କଣ ଆଉ ଫେରେ ? ସେଇ ଅଜଣା ଦେଶରେ ତାର ମନ ଲାଗିଯାଏ ବୋଧେ । ହେଲେ ମନକୁ ବୁଝେଇ ପାରୁନଥିଲି ।

କିଛି କଥା ନାହିଁ, ଦୁଃଖ ବି ନାହିଁ ତୁମେ ଆସିଲନି ବୋଲି । ତୁମେ ସିନା ଆଖି ବୁଜିଦେଲ, ନିଶ୍ଚିନ୍ତରେ ଚିରନିଦ୍ରା ଶୋଇଗଲ ! କିନ୍ତୁ ଫଗୁଣ ଆସିଲା, ହୋଲିର ରଙ୍ଗରେ ଦେହକୁ ରଙ୍ଗେଇ ଦେଲା । ପୋଷାକ ତ ପୋଷାକ, ଗଛର ପତ୍ର, ଘରର କାନ୍ଥରେ ବି ହୋଲିର ଛିଟା ଲାଗିଗଲା । ହେଲେ ମୋ ମନରେ ଟୋପିଏ ବି ରଙ୍ଗ ଲାଗିଲାନି । କେମିତି ଲାଗିଥାଆନ୍ତା କୁହନି, ଅପରାହ୍ନ ସୂର୍ଯ୍ୟର କିରଣ ଦେହ ମନ ଆଉ ହୃଦୟରେତ କ୍ଳାନ୍ତିର ନାଳିମା ବୋଲି ସାରିଲାଣି, ହୋଲିର ରଙ୍ଗ ପାଇଁ ଜାଗା କାଇଁ । ତୁମେ ସିନା ଆଗ ଚାଲିଗଲ, ଟିକିଏ ଅପେକ୍ଷା କରିବାକୁ ତୁମର ମନ ହେଲାନି । ଏମିତି କିଏ କଣ ଯାଏ ? ଯାହାକୁ ଏତେ ନିଜର ଭାବୁଥିଲ ଶେଷରେ ତାକୁଇ ଛାଡ଼ିଦେଲ ! ତୁମେ କଣ ବୁଝି ପାରୁଛ ତୁମ ବିନା ମୁଁ କେମିତି ବଂଚିଛି । ଏବେ ସଂଜ ଘୋଟି ଆସିଲାଣି, ରାତ୍ରି ହେବାକୁ ଆଉବା କେତେ ଡେରି ? ହୋଇପାରେ ପୁଣି ଥରେ ଦେଖା ହୋଇଯିବ ! ଆର ପୁରରେ ଅବା ଆର ଜନ୍ମରେ, ଦେଖା ହେଲେ ଦୁହିଁଙ୍କୁ ବହୁତ ଖୁସି ଲାଗିବ, ଦେଖା ନହେଲେ ବି କିଛି କଥା ନାହିଁ, ଜୀବନର ଏଇ ନିଃସଙ୍ଗତା ଏବେ ମୋର ଦେହସୁହା ହୋଇ ସାରିଲାଣି ।

ମୋ କବିତା- "ତୁମେ ଆସିବ ବୋଲ" ର ଗଳ୍ପରୂପ ।

# ପ୍ରେମ ଏକ ଅଭୁଲା ସ୍ମୃତି

**- ଶାସ୍ୱତୀ ସାମଲ**

ପ୍ରେମ ଶାଶ୍ୱତ, ପ୍ରେମ ଅବ୍ୟକ୍ତ । ଏହା ଏକ ଅବ୍ୟକ୍ତ ସ୍ୱର୍ଗୀୟ ଅନୁଭୂତି । ଏଥିରେ ଥାଏ ବଂଚିବାର ସତ୍ତା, ଏହା ବ୍ୟକ୍ତିର ମନ, ମସ୍ତିଷ୍କ ଓ ସମଗ୍ର ସଂସାର କୁ ସୁନ୍ଦର କରିଥାଏ, ପ୍ରେମ ବିନା ମଣିଷ ଜୀବନ ର କୌଣସି ଅସ୍ତିତ୍ୱ ନାହିଁ । ଏହା ମାନବ ସମାଜକୁ ଇଶ୍ୱର ପ୍ରଦତ୍ତ ଏକ ବରଦାନ ।

ଏ ଦୁନିଆ ରେ କାହା ପାଇଁ ପ୍ରେମ ଏକ ସୁନ୍ଦର ଅନୁଭବ ତ କାହା ପାଇଁ ଏହା ଏକ ଲୁହର ହ୍ରଦ । କିନ୍ତୁ ସତ୍ୟବ୍ରତ ଙ୍କ ଜୀବନରେ ଏହା ଏକ ଅବୁଝା କବିତା, ତାଙ୍କୁ କିଏ ପ୍ରେମ କରିବା ତ ଦୁରର କଥା ବନ୍ଧୁତା ବି ସ୍ଥାପନ କରିବାକୁ ଆଗେଇ ଆସନ୍ତିନି, ଯେଉଁ କେତେଜଣ ତାଙ୍କ ଲିଖିତ ଗଳ୍ପ କିମ୍ବା କବିତା ଦ୍ୱାରା ପ୍ରଭାବିତ ହୋଇ ଦେଖା କରିବାକୁ ଆସନ୍ତି ତାଙ୍କ କୁତ୍ସିତ ରୂପ ଓ ଅକର୍ମଣ୍ୟ ଶରୀରକୁ ଦେଖି ମୁଖ ବିକୃତ କରି ଚାଲିଯାଆନ୍ତି । ସେଥିପାଇଁ ସେ ସବୁବେଳେ ପ୍ରଶଂସା ପତ୍ରର ଉତ୍ତର ଧନ୍ୟବାଦ ରେ ହିଁ ସୀମିତ ରଖନ୍ତି । ତା ଠାରୁ ଅଧିକା ସମ୍ପର୍କ ବଢ଼େଇବାକୁ ଚାହାନ୍ତିନି । ଏ ଝିଅଟି କିନ୍ତୁ ସମସ୍ତଙ୍କ ଠୁ ଭିନ୍ନ, ଅସୀମ ଧୈର୍ଯ୍ୟ ତାର ନିରାଶ ନ ହୋଇ ଏକାଧିକ ପତ୍ର ଲେଖି ପାରିଛି, ସବୁ ପତ୍ରରେ ସାକ୍ଷାତ କରିବାକୁ ଅନୁରୋଧ । ଆଜି ଭାବୁଛନ୍ତି ନିଜ ବିଷୟରେ ସବୁ କଥା ଲେଖି ଜଣାଇ ଦେବାକୁ ହୁଏତ ପତ୍ର ପଢ଼ି ଝିଅ ଟିର ମୋହ ଭଂଗ ହେବ ଓ ତାଙ୍କ ବିଷୟରେ ଜାଣି ସାକ୍ଷାତ ର ଆଶା ଛାଡ଼ିଦେବ ।

"ଏକ ମଧବିତ୍ତ ପରିବାରରେ ମୋର ଜନ୍ମ । ମାତ୍ର ବାପା ଥିଲେ ଉଚ୍ଚମନା ଓ ଆଶାବାଦୀ, ତାଙ୍କ ଏକମାତ୍ର ସନ୍ତାନକୁ ନେଇ ସେ ବହୁତ ସ୍ୱପ୍ନ ଦେଖିଥିଲେ କିନ୍ତୁ ବିଧାତା ହୁଏତ ମୋ ଭାଗ୍ୟରେ ସେ ସୁଖ ବେଶି ଦିନ ପାଇଁ ଲେଖିନଥିଲା । ହଠାତ୍ ଦିନେ ହୃଦଘାତ ରେ ବାପା ଆରପାରିକୁ ଚାଲିଗଲେ, ତାଙ୍କ ଯିବା ପରେ ଘର ର ସମସ୍ତ ଦାୟିତ୍ୱ ମୋ ଉପରକୁ ଆସିଗଲା । ବାଧତାବସତ ମୋତେ ପଢ଼ା ଛାଡ଼ି ଚାକିରି ଖୋଜିବାକୁ ପଡ଼ିଲା । ଏଠିବି ଦୁର୍ଭାଗ୍ୟ ମୋ ପିଛା ଛାଡ଼ିଲାନି, ଚାକିରି ସଂକ୍ରାନ୍ତରେ ସାକ୍ଷାତକାର ପରୀକ୍ଷା ଦେବାକୁ ବସ୍ ରେ ରାଉରକେଲା ଗଲା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ଶିକାର ହେଲି । ପୁରା ଛଅ ମାସ ଡାକ୍ତରଖାନା ରେ ଚିକିତ୍ସିତ ହୋଇ କଦାକାର ଚେହେରା ଓ ବିକଳାଙ୍ଗ ଶରୀର ସହିତ ଘରକୁ ଫେରିଲି, ମା ବାପା ଙ୍କ ପୁଣ୍ୟବଳ ରୁ ବଂଚି ଗଲି ସିନା ନିଜ ପାଇଁ ଦେଖିଥିବା ଅନ୍ୟ ସବୁ ସ୍ୱପ୍ନକୁ ଭୁଲିବାକୁ ପଡ଼ିଲା । କେଉଁଠି ଚାକିରି କରିବାକୁ ସାହସ ନଥିଲା ଏକ ବନ୍ଧୁ ର ଅନୁରୋଧ ଏଡ଼ାଇ ନ ପାରି ତାଙ୍କ ପିଲା ମାନଙ୍କୁ ପାଠ ପଢ଼େଇଲି, ଏହି ଘରୋଇ ଶିକ୍ଷକତା ଦୁଇ ପଇସା ବି ଆସିଲା ଛୋଟ ବେଳୁ କାହାଣୀ, କବିତା ଲେଖିବା ଓ ପଢ଼ିବା ରେ ରୁଚି ଥିଲା କିନ୍ତୁ ଏବେ ନିଜ ଅସହାୟ ଏବଂ ଏକାନ୍ତ ଜୀବନ ର ଦୁଃଖକୁ ଦୁର କରିବା ପାଇଁ ଲେଖିଲି । ମୋ ଲେଖା ପାଠକଙ୍କ ଦ୍ୱାରା ବେଶ୍ ଆଦୃତ ହେଲା, ଏହି ଲେଖା ହିଁ ମୋ ଜୀବନରେ ଯଶ ଓ ଅର୍ଥ ଉଭୟ ଆଣିଦେଲା । ଏବେ ଆଉ କୌଣସି ଜିନିଷର ଅଭାବ ନଥିଲା । ମା ମୋ ପାଇ କନ୍ୟା ଯୋଗାଡ଼ କରିବାରେ ଲାଗିଗଲା କିନ୍ତୁ ସ୍ୱପ୍ନ ଓ ବାସ୍ତବତା ମଧରେ ଆକାଶ ପାତାଳ ର ପ୍ରଭେଦ । ଏକ ଶାରୀରିକ ଅକ୍ଷମ ବ୍ୟକ୍ତି ସମସ୍ତ ଙ୍କ ସହାନୁଭୂତି ପାଇ ପାରେ ମାତ୍ର ତାକୁ ପ୍ରେମ କରା ଯାଇପାରେନା, ଏକଥା ସେ ବହୁତ ଜଲଦି ଜାଣିପାରିଲେ ସେଥିପାଇଁ ବିବାହ ବିଷୟରେ ଚର୍ଚ୍ଚା କରି ସେ ମୋତେ ଆଉ ଅଧିକା କଷ୍ଟ ଦେବାକୁ ଚାହୁଁନାହାନ୍ତି । ଏହି ପତ୍ର ଟି ପଢ଼ିସାରିଲା ପରେ ଆପଣଙ୍କ ମନରେ ମୋ

ବିଷୟରେ ଥିବା ଭ୍ରାନ୍ତଧାରଣ ଦୁର ହୋଇଯିବ ଏତିକି ମୋର ଆଶା ।" ପତ୍ର ଟିକୁ ତା ଠିକଣାରେ ପଠେଇ ଦେଇ ଦୀର୍ଘ ନିଶ୍ୱାସ ଛାଡ଼ିଲେ ସତ୍ୟବ୍ରତ ବହୁତ ଦିନରୁ ଛାତି ଭିତରେ ଥିବା ଏକ ବୋଝ ହାଲକା ହୋଇଗଲା, କିନ୍ତୁ କାହିଁକି ସେ ଖୁସି ହେଇ ପାରୁନାହାନ୍ତି ଲାଗୁଛି ସତେ ଯେମିତି ନିଜର ଅତି ପ୍ରିୟ ଜିନିଷକୁ ହଜାଇ ବସିଛନ୍ତି । ଏମିତି ଦୁଇ ସପ୍ତାହ ବିତିଗଲା ସେ ବି ଭାବୁଛନ୍ତି ତାଙ୍କ ଜୀବନର ଅନେକ ଦୁଃସ୍ୱପ୍ନ ପରି ଏହା ଏକ ଦୁଃସ୍ୱପ୍ନ ଥିଲା, କିନ୍ତୁ ତାଙ୍କୁ ଭୁଲ ସାବ୍ୟସ୍ତ କରି ଚିଠି ଟିଏ ଆସି ପହଂଚିଲା ପୁଣି ସେହି ସାକ୍ଷାତ କରିବାର ଅନୁରୋଧ । କି ଉପାଦାନ ରେ ଗଢ଼ା ଏ ଝିଅଟି କେଜାଣି ସବୁ ଜାଣି ବି ଦେଖା କରିବାକୁ ଚାହୁଁଛନ୍ତି । ମନା କରି ତା ମନରେ ଆଉ କଷ୍ଟ ଦେବାକୁ ଚାହୁଁନଥିଲେ । ରବିବାର ଦିନ ଘର ପାଖ ଏକ ମନ୍ଦିରରେ ସାକ୍ଷାତ କରିବାକୁ ନିର୍ଦ୍ଧାରଣ କଲେ ।ସେଦିନ ରବିବାର । ମନ୍ଦିର ରେ ପ୍ରବଳ ଭିଡ଼, ବହୁତ ସମୟ ଅପେକ୍ଷା କଲା ପରେ ଭାବିଲେ ଭଲ ହେଲା ଦେଖା କରିବାକୁ ସିନା କହି ଦେଇଥିଲେ ପଛରେ ନିଜ ଭୁଲ ବୁଝିପାରି ଆସିଲେନି ହଠାତ୍ ଜଣେ କେହି ପଛରୁ କହିଲେ, "କ୍ଷମା କରିବେ ଆସିବାରେ ବିଳମ୍ବ ହୋଇ ଗଲା ରାସ୍ତାରେ ଅଟୋ ଖରାପ ହୋଇ ଯିବାରୁ ଆଉ ଗୋଟେ ଅଟୋ ନେଇ ଆସିବାକୁ ପଡ଼ିଲା ।" ବୁଲି ଚାହିଁ ଦେଖନ୍ତି ତ ଜଣେ ଭଦ୍ର ମହିଳା ବୟସ ବତିଶି କି ତେତିଶି ହେବ ନୀଳ ରଂଗ ର ଶାଢ଼ୀ ଟିଏ ପିନ୍ଧି ଛିଡ଼ା ହୋଇଛନ୍ତି । କଣ ଏ ସେହି ଅପରିଚିତା ଯିଏ ତାଙ୍କ ସାକ୍ଷାତ ପାଇଁ ବ୍ୟାକୁଳ ଥିଲେ, ଦେଖିବାକୁ ଅତିଶୟ ସୁନ୍ଦର ନହେଲେ ବି ମୁହଁରେ ଏକ ଆକର୍ଷଣୀୟ ଭାବ ଅଛି । "ନମସ୍କାର ଆଜ୍ଞା ମୋ ନା ସୀମା, ଆପଣ ଦେବବ୍ରତ ବାବୁ ନା ମୋତେ ଆପଣଙ୍କ କବିତା ଓ ଗଳ୍ପ ବହୁତ ଭଲ ଲାଗେ ଆପଣଙ୍କ ଦ୍ୱାରା ଲିଖିତ ସବୁ ବହି ମୁଁ ପଢ଼ିଛି ।" ଏ ସାକ୍ଷାତକାର ପ୍ରାୟ ଅଧ ଘଂଟା ଥିଲା ଅଧିକାଂଶ ସମୟ ସେ ଚୁପ୍ ରହିଥିଲେ ନହେଲେ ଉତ୍ତର ହଁ ବା ନା ରେ ଦେଇଥିଲେ, ଶେଷରେ ସୀମା ବିଦାୟ ନେଲାବେଳେ ତାଙ୍କ ଠିକଣା ମାଗିଲେ । ମନା କରିବାର କୌଣସି କାରଣ ନଥିଲା, ରାତି ସାରା ସେ ତାଙ୍କ ବିଷୟରେ ଭାବୁଥିଲେ । ଏକ ଅଜଣା ଅନୁଭୂତି ଭିତରେ ସେ ଗତି କରୁଥିଲେ, ଭାବୁଥିଲେ ଏଇଟା ତାଙ୍କ କଳ୍ପନା ନା ସତ୍ୟ । କିଛି ଦିନ ପରେ ସତ କୁ ସତ ସୀମା ତାଙ୍କ ଭାଇ ଙ୍କ ସହିତ ଆସି ପହଂଚିଥିଲେ । ଅଳ୍ପ ସମୟ ରେ ସେ ସାକ୍ଷାତ ଖାଲି ତାଙ୍କ ମନରେ ନୁହେଁ, ସୁପ୍ତବସ୍ଥାରେ ଥିବା ମାଙ୍କ ଆଶା ରେ ଯେମିତି ଏକ ନୂଆ ଡେଣ ଲାଗି ଯାଇଥିଲା । ଏବେ ପ୍ରାୟ ପ୍ରତି ସପ୍ତାହରେ ସୀମା ଘରକୁ ଆସନ୍ତି, ତାଙ୍କ ସହିତ ମିଶିବା ମନଖୋଲା କଥା ହବା ଭିତରେ ସେ ସୀମାଙ୍କର ତାଙ୍କ ପ୍ରତି ଥିବା ଭାବନାକୁ ପଢ଼ି ପାରିଥିଲେ । ତାଙ୍କୁ ଯେ କିଏ ଏତେ ଭଲ ପାଇ ବସିବ ସେ କଥା ସ୍ୱପ୍ନରେ ବି ଭାବି ନଥିଲେ । ଏ ଭଲ ପାଇବାରେ ଦୈହିକ ଆସକ୍ତିର ଆବିଳତା ନଥିଲା କେବଳ ମନ ଓ ହୃଦୟ ର ମିଳନ ଥିଲା ।

ଦିନେ କଥା ହେଉଥିଲା ବେଳେ ସୀମା କହିଲେ "ଆପଣ ସବୁବେଳେ ଜୀବନର ଦୁଃଖ, ହତାଶା ଭାବ ଉପରେ କାହିଁକି ଲେଖନ୍ତି ହଁ ମୁଁ ମାନୁଛି ଆପଣଙ୍କ ଜୀବନ ବହୁତ ସଂଘର୍ଷମୟ । ହୃଦୟର ବ୍ୟଥା କୁ ଲେଖା ଦ୍ୱାରା ପ୍ରକାଶ କରି ଆପଣଙ୍କ ମନକୁ କିଛି ଶାନ୍ତି ମିଳୁଛି । କିନ୍ତୁ ସବୁ ଅନ୍ଧକାର ରାତି ପରେ ଦିନ ଆସେ, ସୂର୍ଯ୍ୟ ତା ପ୍ରଖର କିରଣରେ ସାରା ପୃଥିବୀକୁ ଆଲୋକିତ କରେ ସେମିତି ଆପଣ ନିଜ ପ୍ରତିଭା ରୁପକ ଆଲୋକରେ ନିଜ ଭିତରେ ଥିବା ନୈରାଶ୍ୟଜନକ ଅନ୍ଧକାରକୁ ଦୁର କରନ୍ତୁ ଦେଖିବେ ସାରା ଦୁନିୟା ଆପଣଙ୍କୁ ସୁନ୍ଦର ଦେଖାଯିବ । ସୀମା ଙ୍କ ଏହି କଥା ପଦକ ତାଙ୍କ ମନ ପରିବର୍ତ୍ତନ କରିବା ପାଇଁ ଯଥେଷ୍ଟ ଥିଲା । ଆଗରୁ ଯେଉଁ ଲେଖା ଗୁଡ଼ିକ ସମାଜର ଦୁଃଖ, ଦୈନ, ଅଭାବ ଅନାଟନକୁ ଦର୍ଶାଉଥିଲା ତାହା ଏବେ ସୌନ୍ଦର୍ଯ୍ୟ, ମଧୁରତା, ପ୍ରେମ ଭାବ ର ପରିବର୍ତ୍ତିତ ହେଲା । ସେ ଅନୁଭବ କରୁଥିଲେ ତାଙ୍କ କଳା ଧଳା ରୂପକ ଜୀବନ ରେ କିଏ ଯେମିତି ଇନ୍ଦ୍ରଧନୁ ର ସାତଟି ରଂଗ ରେ ଭରି ଦେଇଛି ।

କିଛି ଦିନ ର ମିଳାମିଶା ପରେ ଓ ପରସ୍ପରକୁ ଜାଣିବା ପରେ ବିବାହ ବନ୍ଧନରେ ବାନ୍ଧି ହେବା ପାଇଁ ନିଷ୍ପତି ନେଲେ । ସୀମା ଙ୍କ ପରିବାର କହିଲେ ସେ ଓ ତାଙ୍କ ଦୁଇ ଭାଇ ସେଥିପାଇଁ ବିବାହ ର ଦିନଧାର୍ଯ୍ୟଠୁ ଆରମ୍ଭ କରି ଏଇ ସମ୍ବନ୍ଧୀୟ ସମସ୍ତ ଦାୟିତ୍ୱ ମା ଙ୍କୁ ଉଠେଇବାକୁ ପଡ଼ିଲା, ମା ବି ସେ ମୁହର୍ତ୍ତ କୁ କେବେଠାରୁ ଅପେକ୍ଷା କରିଥିଲେ । ଖୁସିରେ ତାଙ୍କ ପାଦ ଯେମିତି ତଳେ ଲାଗୁ ନ ଥାଏ । ବାହାଘର ଆଉ ଏକ ମାସ ଥାଏ, ଦୁଇ ପକ୍ଷ ଆୟୋଜନ ରେ ବ୍ୟସ୍ତ, ହଠାତ୍ ଖବର ମିଳିଲା ସୀମାଙ୍କ ଭୀଷଣ ଜ୍ୱର ସେ ଡାକ୍ତରଖାନା ରେ ଭର୍ତ୍ତି ହୋଇଛନ୍ତି । ମୁହୂର୍ତ୍ତ ମାତ୍ର ବିଳମ୍ବ ନ କରି ମାଙ୍କ ସହିତ ସେଠାରେ ପହଂଚି ଦେଖିଲେ ସୀମା ଚେତା ଶୂନ୍ୟ ଅବସ୍ଥାରେ ଥିଲେ । କେତେ ଦୁଃଶ୍ଚିନ୍ତା ମନକୁ ଆସୁଥାଏ ତଥାପି ସବୁ କିଛି ଠିକ୍ ହୋଇ ଯିବ ଭାବି ମନକୁ ବୁଝେଇବାକୁ ପଡୁଥାଏ । ସମୟ ଓ କାଳ କାହାକୁ ଅପେକ୍ଷା କରେ ନାହିଁ । ଏମିତି ଆଠ ଦିନ ବିତିଗଲା ଭଲ ହେବା ପରିବର୍ତ୍ତେ ତାଙ୍କ ଅବସ୍ଥା ଦିନକୁ ଦିନ ଆହୁରି ବିଗିଡ଼ିବାକୁ ଲାଗିଲା । ସେଦିନ ସକାଳେ ଡାକ୍ତର ଆସି ସମସ୍ତଙ୍କୁ ଭିତରକୁ ଡାକିଲେ, ତାଙ୍କ ଭାଷା ବୁଝିବାକୁ କଷ୍ଟ ହୋଇ ନଥିଲା । ସୀମା ଶେଷ ଥର ପାଇଁ ଆଖି ଖୋଲିଲେ, ତାଙ୍କ ଆଖିରୁ ଝର ଝର ହୋଇ ଲୁହ ବୋହି ଯାଉଥାଏ, ଈଶାରା ମାଧ୍ୟମରେ ସେ ବହୁତ କିଛି କହି ଯାଇଥିଲେ । ତାପରେ ତାଙ୍କ ଶରୀର ନିସ୍ତେଜ ହୋଇ ଯାଇଥିଲା । ଦୁଃଖ ର ପାହାଡ଼ ଭାଂଗି ପଡ଼ିଥିଲା ତାଙ୍କ ଉପରେ କିନ୍ତୁ ଛାତିକୁ ପଥର କରି ଦୁଇ ପରିବାର କୁ ସମ୍ଭାଳିବାକୁ ପଡ଼ିଥିଲା । ସୀମା ତା ଭାଇ ମାନଙ୍କ ପାଇଁ ଏକାଧାରରେ ବାପା, ମା, ଭଉଣୀ ସବୁ କିଛି ଥିଲେ । ସେମାନଙ୍କୁ ଆଶ୍ୱାସନା ଦେଇ ସବୁ ଦାୟିତ୍ୱ ସମ୍ପନ୍ନ କରିବାକୁ ହେଲା । ସୀମାଙ୍କ ଶେଷ ଇଚ୍ଛା କୁ ସମ୍ପନ୍ନ ଦେଇ ତାଙ୍କ ମଥାରେ ସେ ସିନ୍ଦୁର ପିନ୍ଧାଇ ଦେଇଥିଲେ, କିନ୍ତୁ ଅନୁଭବ କରୁଥିଲେ ସତେ ଯେପରି ଜୁଇ ର ସେଇ ଲେଲିହାନ ଶିଖା ତାଙ୍କ ହୃଦୟ ବନକୁ ପୋଡ଼ି ଛାରକାର କରି ଦେଉଛି ।

ମଣିଷ ସ୍ୱପ୍ନ ଦେଖେ, ଭଲ ପାଇବାର ସ୍ୱପ୍ନ, ସୁଖ ଐଶ୍ୱର୍ଯ୍ୟର ସ୍ୱପ୍ନ କିନ୍ତୁ ସ୍ୱପ୍ନ ଦେଖେନା ବାସ୍ତବତାକୁ । କଳ୍ପନା ର ସୌଧ ଗଢ଼େ, ପ୍ରେମ ର ତାଜ ମହଲ ତୋଳେ କିନ୍ତୁ ସତ୍ୟ କୁ ସ୍ୱୀକାର କରେ ନାହିଁ । ସୀମା ଯିବାର ପ୍ରାୟ ଚାରି ମାସ ହୋଇ ଗଲାଣି, ତାଙ୍କ ହୃଦୟ ସବୁବେଳେ ଗୋଟିଏ ପ୍ରଶ୍ନ ପଚାରୁଥିଲା ଯଦି ଏତେ ଦୁଃଖ ଦେବାର ଥିଲା ସୀମା ତାଙ୍କ ଜୀବନକୁ କାହିଁକି ଆସିଲେ, ପ୍ରେମ ବିନା ଉତ୍ସାହ ବିନା ବଂଚି ରହି ଲାଭ କ'ଣ । ତଥାପି ତାଙ୍କୁ ବଂଚିବାକୁ ହେବ ସୀମା ସବୁବେଳେ ଚାହୁଁଥିଲେ ସେ ପ୍ରେମ ଆବେଗରେ ପରିପୂର୍ଣ୍ଣ କାହାଣୀ ଲେଖନ୍ତୁ, ତାଙ୍କର ଇଚ୍ଛା କୁ ସେ ନିଶ୍ଚୟ ପୁରା କରିବେ । ସୀମା ଓ ତାଙ୍କ ଦୁଇ ଜଣଙ୍କ କାହାଣୀ କୁ ନେଇ ସେ ଲେଖିବେ, ତାଙ୍କରି ପରବର୍ତ୍ତୀ ଉପନ୍ୟାସ "ପ୍ରେମ ଏକ ଅଭୁଲା ସ୍ମୃତି" ।

- ନିଉଦିଲ୍ଲୀ

# (ପାଉଁଜି) ଏଇ ବୋଧେ ପ୍ରେମ

- ଅନୀଲ୍ କୁମାର ସାହୁ

ସେଦିନ ମୁଁ ଆଉ ମୋ ସାଙ୍ଗମାନେ ମିଶି ପୁରୀ sea beach ବୁଲିବାକୁ ଯାଇଥିଲୁ ।। ସମସ୍ତେ ମିଶି ବହୁତ ସମୟ ଗାଧେଇଲୁ ।। କିଛି ସମୟ ପାଇଁ ଓଦା ସରସର ହୋଇ ମୁଁ ଆସି କୂଳରେ ଛିଡ଼ା ହୋଇଥାଏ ।। ମୋ ସାମ୍ନା ପଟରୁ ଦୁଇ ଜଣ ଝିଅ ଆସୁଥାନ୍ତି ।। ସେ ଦୁଇ ଝିଅଙ୍କ ଭିତରୁ ଗୋଟିଏ ଝିଅ ଉପରେ ମୋର ନଜର କିଛି ସମୟ ପାଇଁ ଅଟକି ଗଲା ।। ସତେ ଯେମିତି ସ୍ୱର୍ଗର ପରୀଟିଏ, ଗୋଟିଏ ଚାଉଳରେ ଗଢ଼ା ହୋଇଛି । କାହିଁକି କେଜାଣି ସେମାନଙ୍କ ପିଛା କରିବାକୁ ଲାଗିଲି ।। ସେମାନେ ମୋ ଆଗରେ ଆଉ ମୁଁ ସେମାନଙ୍କ ପଛରେ ଚାଲିଲି ।।

କିଛି ବାଟ ଅତିକ୍ରାନ୍ତ କରିବା ଭିତରେ ଯେଉଁ ଝିଅଟି ମୋର ପସନ୍ଦ ହୋଇଥିଲା, ତା ଅଜାଣତରେ ତା ପାଦରୁ ପାଉଁଜିଟିଏ ଛିଣ୍ଡିଗଲା ଆଉ ସେ ପାଉଁଜିଟିକୁ ମୁଁ ପାଇଲି ।। ଭାବିଲି ଏଇଟା ସବୁଠୁ ବଢ଼ିଆ ସୁଯୋଗ, ପାଉଁଜିଟି ଦେବା ବାହାନାରେ ଦୁଇ ପଦ କଥା ହୋଇଯିବି । ହେଲେ କାହିଁକି କେଜାଣି ପାଉଁଜିଟି ଦେଇ ପାରି ନଥିଲି ??

ସେ ଦୁଇ ଝିଅ କିଛି ବାଟ ଯିବା ପରେ ଗୋଟିଏ ସ୍ଥାନରେ ବସି ଗପିବାକୁ ଲାଗିଲେ ।। ମୁଁ ସେମାନଙ୍କର ଅତି ନିକଟରେ ଛିଡ଼ା ହୋଇଥିଲି ।। ହଠାତ୍ ଦୁଇ ଝିଅଙ୍କ ଭିତରୁ ଜଣେ କହିଲା ଆରେ ରିନୁ, ତୋର ଆଉ ଗୋଟେ ପାଉଁଜି କୁଆଡ଼େ ଗଲା ??

ରିନୁ ନିଜ ପାଦକୁ ଚାହିଁ କହିଲା ସତରେ ତ ଆଉ ଗୋଟେ କେଉଁଠି ପଡ଼ିଲା ମୁଁ ବି ଜାଣି ପାରିଲିନି ?? ଏତେ ଲୋକ ଗହଳି, ସମୁଦ୍ର ବାଲି ଭିତରୁ କେଉଁଠୁ ପାଇବା କହିଲୁ ?? ଛାଡ଼ ସେ କଥା ।। ମୁଁ ଯେଉଁ ଝିଅ ପ୍ରତି ଆକୃଷ୍ଟ ହୋଇ ଏତେ ବାଟ ଆସିଛି ତାହେଲେ ତା ନାଁ ହେଉଛି ରିନୁ ।। ସେମାନଙ୍କ କଥା ଶୁଣି ମୁଁ ଭାବିଲି ତାଙ୍କୁ ପାଉଁଜିଟି ଫେରାଇ ଦେବା ଠିକ୍ ହେବ ।। ହେଲେ ମୁଁ ପୁଣି ଥରେ ନିଜ ମନ ଆଗରେ ହାରି ଗଲି ।। ଇଚ୍ଛା ଥାଇ ମଧ ପାଉଁଜିଟି ଫେରାଇ ପାରିଲିନି ।। ମୋତେ ଯେମିତି ଲାଗିଲା ସେ ପାଉଁଜି ସହିତ ମୋର କିଛି ସ୍ମୃତି ସାଇତା ହୋଇ ରହିଛି ।।

କିଛି ସମୟ ପରେ ସେ ଦୁହେଁ ନିଜ ବାଟରେ ଚାଲି ଗଲେ । ଶେଷରେ ମୁଁ ବାଧ ହୋଇ ସାଙ୍ଗମାନଙ୍କ ପାଖକୁ ଫେରିଲି ।। କିଛି ସମୟର ମଜାମସ୍ତି ପରେ ଆମେ ସମସ୍ତେ ରୁମ୍‌କୁ ଫେରିଲୁ ।

ଏହା ଭିତରେ ବିତି ଯାଇଛି ସାତ ବର୍ଷ ।। ସେଦିନ ମୁଁ ବସ ଯୋଗେ ଅଫିସ୍‌ରୁ ଘରକୁ ଫେରୁଥାଏ ।। ସୁଲୁସୁଲିଆ ପବନରେ କେତେବେଳେ ଆଖି ଲାଗିଯାଇଛି ନିଜେ ବି ଜାଣି ପାରିଲିନି ।। ଆଖି ଖୋଲିବା ମାତ୍ରେ ଦେଖିଲି ମୋ ପାଖରେ ବସିଛନ୍ତି ଜଣେ ନବ ବିବାହିତା ମହିଳା ।। ସେ ପିନ୍ଧିଥିବା ୟୁନିଫର୍ମ ଶାଢ଼ୀରୁ ଜାଣି ପାରିଲି ସେ ଜଣେ ଶିକ୍ଷୟିତ୍ରୀ ।। କିଛି ସମୟ ପାଇଁ ଆଶ୍ଚର୍ଯ୍ୟ ଭାବରେ ଚାହିଁ ରହିଲି ତାଙ୍କୁ ।। ଆରେ ଇଏ ତ ସେଇ ରିନୁ !!!!!! ମୋ ଆଖିରୁ ଦୁଇ ଟୋପା ଆନନ୍ଦର ଅଶ୍ରୁ ଝରି ପଡ଼ିଲା ।। ଦୀର୍ଘ ସାତ ବର୍ଷ ହେଲା ଠିକଣା ଜାଣି ନଥିବା ମନର ମଣିଷକୁ ମନେ ମନେ ଅନେକ ଖୋଜିଛି ହେଲେ କେଉଁଠି ପାଇନି ।। ଆଜି ଭଗବାନଙ୍କର କି ବିଚିତ୍ର ଖେଳ, ସେ ମୋ ସାମ୍ନାରେ ଉପସ୍ଥିତ ।। ସେଇ ଆଖି, ସେଇ ମୁହଁ, ସେଇ ଚେହେରା ।। କେବଳ ତଫାତ୍ ଏତିକି ସେଦିନ ଥିଲେ ଜଣେ କୁଆଁରୀ ଝିଅ ଆଉ ଆଜି ଜଣେ ବିବାହିତା ନାରୀ ।।

ସେଦିନ ଏତେ ପାଖରେ ଥାଇ ମଧ ପଦୁଟିଏ

କଥା ହୋଇ ପାରିନଥିଲି ହେଲେ ଆଜି ସାହସ ସଂଚୟ କରି କହିଲି...........

ଆପଣଙ୍କୁ କିଛି ପଚାରିବାକୁ ଚାହୁଁଛି ? ?

ହଁ, ପଚାରନ୍ତୁ । ।

ଆପଣଙ୍କ ନାଁ ରିନୁ ? ?

ହଁ, ହେଲେ ଆପଣ କେମିତି ଜାଣିଲେ ? ?

ଆପଣ, ଆଉ ଆପଣଙ୍କ ସାଙ୍ଗ ପୁରୀ sea beach ବୁଲିବାକୁ ଯାଇଥିଲେ । ।

ହଁ ଆମେ ସେଇଠି ରହି ପିଜି କରୁଥିଲୁ । । ସମୟ ମିଳିଲେ ସମୁଦ୍ର ଆଡ଼େ ବୁଲିବାକୁ ଯାଉ । ।

କିନ୍ତୁ ସେଦିନ ଥିଲା କିଛି ଅଲଗା । ।

ମାନେ !!!!!! କଣ କହିବାକୁ ଚାହୁଁଛନ୍ତି ଆପଣ ? ?

ଆଜକୁ ପ୍ରାୟ ସାତ ବର୍ଷ ହେବ, ପୁରୀ ସମୁଦ୍ର କୂଳରେ ଆପଣଙ୍କ ପାଦରୁ ଗୋଟିଏ ପାଉଁଜି ହଜି ଯାଇଥିଲା । । କିଛି ମନେ ପଡୁଛି କି ? ?

ହଁ, ହଁ ମନେ ପଡ଼ିଲା ହେଲେ ଆପଣ ଏ ସବୁ କେମିତି ଜାଣିଲେ ? ?

ସେଦିନ ମୁଁ ଆପଣଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଆପଣଙ୍କୁ ପିଛା କରୁଥିଲି, ଆଉ ସେ ପାଉଁଜିଟି ମଧ ମୁଁ ପାଇଥିଲି । । ଏଇ ଦେଖନ୍ତୁ (ପର୍ସରୁ ବାହାର କରି) ଏବେ ବି ସେଇ ପାଉଁଜିଟି ସାଇତି ରଖିଛି । ।

ରିନୁ ଓଠରେ ଥିଲା ସ୍ମିତ ହାସ୍ୟଟିଏ...........

ଆଛା କହିଲେ, ସେଦିନ କଣ ପାଇଁ ମୋତେ ମୋ ପାଉଁଜି ଫେରାଇଲେନି ? ?

ଆଜିକୁ ସାତ ବର୍ଷ ହେଲା ସେଇ ଗୋଟିଏ ପ୍ରଶ୍ନ ହିଁ ମୋ ମନକୁ ବାରମ୍ବାର ଆନ୍ଦୋଳିତ କରୁଛି କଣ ପାଇଁ ଆପଣଙ୍କୁ ସେଦିନ ଆପଣଙ୍କ ପାଉଁଜି ଫେରାଇଲିନି ? ? ହେଲେ ଆଉ ନୁହଁ ଆଜି ଆପଣଙ୍କ ପାଉଁଜି ଫେରାଇ ଦେବି । ।

ନା ଥାଉ । । ମୁଁ ନେବାଟା ଠିକ୍ ହେବନି । । ଦୀର୍ଘ ସାତ ବର୍ଷ ହେଲା ସେ ପାଉଁଜିକୁ ଆପଣ ଯତ୍ନ ସହକାରେ ସାଇତି ରଖିଛନ୍ତି । । କିଛି ତ ସ୍ମୃତି ଯୋଡ଼ି ହୋଇ ରହିଥିବ ନିଶ୍ଚୟ । ।

ହଁ, ଆପଣ ଠିକ୍ କହିଲେ । । କିଛି ତ ସ୍ମୃତି ଯୋଡ଼ି ହୋଇ ରହିଛି । । ମୁଁ ଭାବୁଛି ଏଇ ବୋଧେ ପ୍ରେମ ହୋଇଥିବ । । ଯାହାକୁ one side love କହନ୍ତି । । କିଛି ନ ପାଇବାର ଗ୍ଲାନି, କିଛି ହଜେଇ ଦେଇ ଥିବାର ଦୁଃଖ ଆଜି ବି ମୋ ପ୍ରେମକୁ ମଳିନ କରି ପାରି ନାହିଁ । । ଏବେ ବି ହୃଦୟ ବକ୍ଷରେ ସେ ସ୍ମୃତିକୁ ସାଇତି ରଖିଛି । ।


ak AK PHYSICS

Apprise Education, Reprise Innovation

+2 Sc. I CBSE (XI & XII)
JEE (Main & Adv.) I NEET I AIIMS
JIPMER I BHU I KVPY
NTSE I OLYMPIAD I NISER I IISER



SURYALOKA LANE, CHANDI CHHAK, CUTTACK
ARUN KUMAR SINGH (Lect. in Physics), MOB. : 98610 65130

# ଦୃଷ୍ଟାନ୍ତ ନାରୀଟିଏ

- ବଳବନ୍ତ ସାହୁ

ନିର୍ଜନ କାଳିମା ବୋଳା ଅନ୍ଧାର । ମାଘର ହାଡ଼ଭଙ୍ଗା ଶୀତ । କିଛି ବୁଲା କୁକୁରର ଭୋ.... ଭୋ.... ଶବ୍ଦରେ ଚମକି ଉଠିପଡ଼େ- "ଦୀନାବାଇ" । ଯଦିବା ଉଠି ପାରେ ନାହିଁ ଭୁଷ୍ ଭାସ୍ କରି, ଉଠେ ତା' ପରି ଅଶିବର୍ଷିଆ ବୁଢ଼ୀ ତୁଳନାରେ ବେଶ୍ ଚଂଚଳରେ । ହାତ ବୁଲାଏ ତା' ଏକମାତ୍ର ସାଥୀ ସକାଶେ । ବାଙ୍କୁଲି ସକାଶେ । ହାତରେ ପଡ଼େ ଦିଆସିଲିଟେ । ଯେଉଁଠି ଥାଏ ମାତ୍ର ତିନି ଚାରିଟି କାଠି । ଦୁଇ ପ୍ରଚେଷ୍ଟାର ବିଫଳତା ପରେ ସଫଳ ହୁଏ ତୃତୀୟ ପ୍ରଚେଷ୍ଟାରେ । ଦୂରୀଭୂତ କରିପାରେ ତା' ଚାରିହାତିଆ କୋଠରୀର ଘନୀଭୂତ ତମସାକୁ । ତଥା ଠାବ କରିପାରେ ତା' ସାଥୀ ବାଙ୍କୁଲି । ଏହା ପରେ ଉଠିପଡ଼େ । ଗୋଟିଏ ହାତରେ ବଙ୍କୁଲି ଧରି ଅନ୍ୟ ହାତରେ ମିଞ୍ଜି ମିଞ୍ଜି ଜଳୁଥିବା ଡିବିରିକୁ ଧରି । ଡିବିରିକୁ ଉଠାଏ କାନ୍ଥରେ ଟଙ୍ଗା ହୋଇଥିବା ଘଡ଼ି ଆଡ଼କୁ । ଠାବ କରିବାକୁ ଅଶୀଦଶକର ସେ ଘଂଟାର ମୋଟା ଘଂଟାକଂଟାକୁ । ଦେଖେ । ତା' ସାଥେ ସାଥେ ଅନୁଭବ କରେ । ମଧ ରାତ୍ରିର କାକର ଛୁଆଁକୁ, ପୁଣି ହାଡ଼ଭଙ୍ଗା ଶୀତକୁ । ଏସବୁକୁ ନେଇ ନେଇ ଘଂଟେ ତା' କଳନା ଶକ୍ତିରେ । ତା' ପରେ ପରେ ନିଶ୍ଚିତ ହୋଇ ପାଟି ଫିଟାଏ । କହେ- "ଅଢ଼େଇ ବାଜି ଗଲାନା.." ।

ବଙ୍କୁଲିରେ ଭାରସାମ୍ୟ ରଖି ପାଦ ବଢ଼ାଏ ଆଗକୁ । କବାଟ ଖୋଲି ତାଗିଦ୍ କରେ ସେ ବୁଲା କୁକୁର ମାନଙ୍କୁ । ପୁଣି ସତର୍କ କରିଦିଏ, "ରାତି ପାହି ନାହିଁ" ବୋଲି । ତା' ପୁଣି ବଙ୍କୁଲିକୁ ଜହ୍ନମାମୁଁ ଆଡ଼କୁ ଲମ୍ବେଇ ଲମ୍ବେଇକି । ବୁଝେଇ ସୁଝେଇ ଶାନ୍ତ କରିଦିଏ କୁକୁର ଗୁଡ଼ିକୁ । କବାଟ ଦେଇ । ଆସି ବସିପଡ଼େ ଖଟରେ । ଥୋଇଦେଇ ବାଙ୍କୁଲିକୁ । ଆଶ୍ରା ନପାଇ ଖସି ପଡ଼େ ବାଙ୍କୁଲିଟି । ଠିକ୍ ଦୀନାବାଇ ପରି । ବଙ୍କୁଲିର ଶବ୍ଦରେ ତାଳ ଦେଇ ଶୁଭୁଥାଏ ସେ ପଟେ । ମେଁ.. ମେଁ... । ଦୀନାବାଇ ପୁଣି ତାଗିଦ୍ କରେ ଛେଳି ଗୁଡ଼ିକୁ... । କହେ- "କାଏଁ ମେଁ.. ମେଁ.. ହଉଛ ରେ..? ସୁଅ ଛନେ.. ସକାଳେ ତମର୍ ମରନ୍ ପରେ" । ଏତିକି କହି କଣ ଯେ ଭାବେ । ତାହାକୁ ଜଣା ଅବା ସେ ଉପର୍ ମାଲିକଙ୍କୁ ଜଣା । ନିଶ୍ଚଳ, ନିସ୍ତବ୍ଧ ହୋଇ ବସି ରହେ । ଅଚଳ ମହାମେରୁ ପରି ।

କିଛି ସମୟର ନିଶବ୍ଦ ଦୃଶ୍ୟ ପରେ । "କାଏଁରେ... ଯଅଁରା ମକେ ହେଲେ ନେତୁ..., ସୁ କରି ମରନ୍ ଟେ ଦେଇ କରି । ଖୁବ ଭାବବିହ୍ୱଳ ହୋଇପଡ଼େ ଦୀନାବାଇ । ମନେ ପକାଏ ତା'ଧୂଳି ଧୂସର ଅତୀତକୁ । କଳାଧଳା ଅତୀତକୁ । ତଥାପି ସପ୍ତରଙ୍ଗରେ ରଙ୍ଗୀନ ହେଉଥାନ୍ତି ସେ ବିତି ଯାଇଥିବା ପୁରୁଣା ଦିନ ଗୁଡ଼ିକ । ମାଆ ଘରେ ବସିକି ଖାଇଥିଲେ ବି । ଜମିଦାର ପଇସା । ଶଶୁର ଘରକୁ ଆସିବା ଦିନଠୁ କରିବାକୁ ପଡ଼ିଥିଲା ଝାଳବୁହା କଠିନ ପରିଶ୍ରମ । ରାତି ଗୋଟାଏ ଟାରୁ ସାରୁ କୁ ପାଣି ତେଣ୍ଡା । ସେଠାରୁ ଆସି ଇଟା ଭାଟିରେ ଇଟା ବୋହିବା । ସେଠାରୁ ଆସିଲେ କୁଆଡ଼େ ଗଣ୍ଡେ ଖାଇକି, ପାଇଟି କାମ ଯେତେ । ତଥାପି ଦୀନାବାଇ କେବେ ଥକେ ନାହିଁ । ପୁଣି ରାଜୁ ବାପାକୁ କହେ- "ତମେ କେତେ ପରିଶ୍ରମ କରୁଛ... ଆରୁ ମୁଠଁଇ ଯେ..." । ରାଜୁ ବାପା ହସିଦିଏ । ଆଉଁସି ଦିଏ ତା ଉଷ୍ମ ଶରୀରକୁ... ଯୌବନକୁ... ହୃଦୟକୁ... । ପୁଣି କହେ- "ତୁଇ ପରା ମୋର୍ ଫୁଲ ଲୋ... ଫୁଲ କାଣା ପଥର୍ ସାଙ୍ଗେ ଲଢ଼ିପାରିବା ?" ଭାବ ବିହ୍ୱଳ ହୋଇ ପୁଣି କହି ଚାଲୁଥାଏ- "ଆମେ ସିନା ପଥର୍ ଲୋକ ଲଢ଼ୁଛୁ... ଆରୁ ତୁଇ......" । ସେ ସମୟରେ ବହୁତ କିଛି ବୁଝି ପାରୁଥାଏ ଏମିତି ଭାବେ । ରାଜୁ ବାପାର ପ୍ରତିଟି ଅଧାକୁହା କଥାକୁଡ଼ାକୁ । ହସଖୁସିରେ କଟି ଯାଉଥିଲା ଦିନ । ସେଇ

"ନ' ଅଙ୍କ" ସମୟରେ ଦେଉଥିଲା ସାତଶହ ଟଙ୍କା । ସ୍କୁଲ ଫିସ୍ ବାବଦକୁ । ତା' ମଧ ଅସୁବିଧା ହେଉନଥିଲା । ଯଦିବା କେବେ କେମିତି ଅସୁବିଧା ହୁଏ କାନଫୁଲ କି ନାକଫୁଲ ଟେ ସାହୁ ଦୋକାନରେ ରଖି ଟଙ୍କା କେଇଟା ମାଗିଲେ । ଆଁ... କରିଛି ସେ ସାହୁ । ଆସ୍ତେ ଆସ୍ତେ ରାଜୁ ଉତ୍କଳ ମହାବିଦ୍ୟାଳୟରୁ ବି.ଏସ୍.ସି ପାସ୍ କରେ । କୋଚିଂ ପାଇଁ ଚାଲିଯାଏ ସୁଦୂର କଲିକତା ସହରକୁ । ଟଙ୍କା ପତ୍ରର ଅଭାବରେ ବନ୍ଧା ପଡ଼େ କାନଫୁଲ, ନାକଫୁଲ ଯେତେ । ହଠାତ୍ ରାଜୁବାପାକୁ ପାରାଲେସିସ୍ । ନିଛାଟିଆ ଜାଗାରେ କୁଆପାତ ହେଲା ଭଳି ପରିସ୍ଥିତି । ସେଦିନଠୁ ଅଂଟା ଭିଡ଼େ ଦୀନାବାଇ । ବୁଲେ ଗାଁକୁ.. ଗାଁ.. । କେବେ ଶଙ୍ଖା ସିନ୍ଦୁର ନେଇ ତ ପୁଣି କେବେ ରଙ୍ଗବେରଙ୍ଗର ଫୁଲ ଟୋପେ ନେଇ । ଯୋଦ୍ଧା ସାଜି ଲଢ଼େ ପରିସ୍ଥିତି ସାଥେ । ଶେଷରେ ଜିତିଥାଏ । ଅବଶ୍ୟ ସେ ନହେଲେ ବି ତା' ପୁଅ । ପୁଅ ପ୍ରଫେସର । ସେ ବହୁତ ଖୁସି । ହେଲେ ସ୍ଥାୟୀ ରହିପାରିନି ଖୁସି । ହଠାତ୍ ରାଜୁବାପା ଚାଲିଯାଏ । ଆରପାରିକୁ... । ଦଶ ପନ୍ଦର ଦିନ କାନ୍ଦେ ମୁଣ୍ଡ ଫଟେଇ ଫଟେଇ । ବର୍ଷ ଯାକ କାନ୍ଦେ ସୁସ୍କି ସୁସ୍କି । ପରିଶେଷରେ ରାଜୁ ମୁହଁକୁ ଦେଖି ସ୍ୱାଭାବିକ ହୁଏ ସବୁ କିଛି । ଯଦି ବି ରାଜୁ ଆଜି ଆଉ କାହା ଇସାରାରେ... । ତା' ମାଆ ଅଲଗା ସେ ଅଲଗା । ଦୁହିଁଙ୍କ ଭାବନା ବି ଅଲଗା ଅଲଗା । ସେ ରହୁଛି ହ୍ୱାଇଟ ହାଉସ ପରି ଧଳା କୋଠାରେ । ଆଉ ତା' ମାଆ ଆଜିବି ସେଇ ପୁରୁଣା ଆଲୁଅବିହୀନ ମାଟି ଘରେ । ତା' ପୁଣି ବାହାଘର ଭୋଜି ପାଇଁ ଆସିଥିବା ଚାରି ହୃଦୟ (ଛେଲି) ସହ । ତଥାପି ସେ କେବେ ମନ ଉଣା କରେ ନାହିଁ ।

ହଠାତ୍ ଚମକି ପଡ଼େ ଦୀନାବାଇ । ଭାବନା ରାଜ୍ୟରୁ ପ୍ରସ୍ଥାନ କରି ପ୍ରବେଶ କରେ ବାସ୍ତବିକକୁ । ମନେ ପକାଏ ରାଜୁ କହିଯାଇଥିବା କଥାକୁ । "ସକାଳେ ନଟୁଆ କାକାକୁ ଟିକେ ଡାକିଦେବୁ । ଶୀଘ୍ର କାଟିଦେବେ ।" । ବିଳମ୍ବ ନ କରି ଉଠିପଡ଼େ ଦୀନାବାଇ । ଅଗ୍ରସର ହୋଇଥାଏ ନଟୁଆର ଘର ଅଭିମୁଖେ । ନଳପାଣି ଦିଆରେ କାଦୁଅ ସର ସର ରାସ୍ତା । ସପ୍ତାହେ ହେବ ମାଟି ଖୋଲି ଥାଏ ରାସ୍ତାର ଦୁଇ ପାର୍ଶ୍ୱରେ । ନୂଆ ଡ୍ରେନ୍ ପାଇଁ । କେଉଁଠି କେଉଁଠି ଢେଲା ଗୁଡ଼ିକ ଆସି ପଡ଼ି ରହିଥାନ୍ତି ରାସ୍ତା ଉପରେ... । ଏକଦମ୍ ମଥା ପାତି । ତଥାପି ଅସୁବିଧା ହୁଏ ନାହିଁ ଷ୍ଟ୍ରିଟ ଲାଇଟ୍‌ରେ । ବଙ୍କୁଲିର ସହାୟତାରେ ଧୀରେ ଧୀରେ ଅଗ୍ରସର ହୋଇ ପହଂଚେ ନଟୁଆର ଚାଳଘର ଆଗରେ । କହିଦିଏ ଶୀଘ୍ର ଆସିବା ପାଇଁ । ସାମାନ୍ୟ ବିଶ୍ରାମ ପରେ ପୁଣି ଗୋଡ଼ କାଢ଼େ ଘର ଆଡ଼କୁ । ଏହା ମଧ୍ୟରେ ହଠାତ୍ ଲିଭି ଯାଏ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ । ଆଗକୁ ବଢୁଥାଏ ଦୀନାବାଇ । ହଠାତ୍ ଖସି ପଡ଼େ ଡ୍ରେନ୍‌ରେ । ଏକ୍‌ଦମ୍ ଚଳଚ୍ଚିତ୍ର ଦୃଶ୍ୟ ପରି । ଚେତାଶୂନ୍ୟ ହୋଇପଡ଼ିରହିଥାଏ ଦୀର୍ଘ ଚାଳିଶ ମିନିଟ ଧରି । ଏହା ପରେ ବହୁ କଷ୍ଟରେ ଉଠିବାକୁ ଚେଷ୍ଟା କରେ । କିନ୍ତୁ ବିଫଳ ହୁଏ । ତା'ପରେ ଘରକୁ ଫେରିଥାଏ ପାଖ କୁନା ସହାୟତା ରେ । ଗାଁର ଖୁବ ଭଲ ପିଲାଟେ । ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦେଖି ପାରେନି । ଏକଦମ୍ ଚଳଚ୍ଚିତ୍ର ର ନାୟକ ପରି ।

ସମୟର ଅତିକ୍ରମରେ ସୂର୍ଯ୍ୟ ଉଇଁ ସାରିଥାନ୍ତି । ପ୍ରାୟ ଲୋକ ଉଠିଯାଇଥାନ୍ତି । ଆଖି ମିଟି ମିଟି କରି ଏସବୁ ଦେଖୁଛି ସତ । କିନ୍ତୁ ଗୋଡ଼ର ଦରଜ ରେ ଉଠିପାରୁନି । ବସିପାରୁନି । ବାଁ ଗୋଡ଼ଟା ଫୁଲିଗଲାଣି ବେଙ୍ଗ ପରି । ଏକଥା ଯାଇ ପଡ଼ିଲା ରାଜୁ କର୍ଣ୍ଣରେ । ରାଜୁ ବିରକ୍ତି ହୋଇ ଧାଇଁ ଆସିଲା ସତ କିନ୍ତୁ କ'ଣ କରିବ ସେ ? ଏଇନା ଭୋଜି ପାଇଁ କେତେ କାମ । କିଛି କଲା ନାହିଁ କିନ୍ତୁ କିଛି କହିଗଲା । ତା'ର ସେ ନିତିଦିନିଆ ବୁଢ଼ୀ ଶବ୍ଦ ସହ ଆଉ କିଛି ମିଶେଇକି । ଯେମିତି ନିଆଁରେ ଘିଅ ଦେବା ପରି । କଟା ଘା'ରେ ଚୂନ ତ ନୁହଁ ତା'ପରି ଅନ୍ୟ କିଛି ଦରଦୀ ପଦାର୍ଥ ଦେଲା ପରି ।

ସଫା ସଫା ଶୁଣିଲେ ମଧ କିଛି କହିଲା ନାହିଁ ଦୀନାବାଇ । ପ୍ରତିଦିନ ପରି । ନାଁ କହିଲା କିଛି ନାଁ ଦେଲା କିଛି ଭାବଭଙ୍ଗୀ । ଏତିକିରେ କିଏ କହିଲା ଫାର୍ଷ୍ଟଟେଡ଼ ଆଣି ମାଲିସ କରିବା ପାଇଁ । ଏହାପରେ ସବୁ ଶାନ୍ତି ।

ଦୀନାବାଇ ନିଜେ ଲାଗି ପଡ଼େ ତା' ଗୋଡ଼କୁ ମାଲିସ କରିବାରେ । ବହୁ ସହନଶକ୍ତି ଦୀନାବାଇ ର । ତା' ବୋଲି ସହିଛି ସେ ପୀଡ଼ାକୁ । ଦଶ ଦଶ ବର୍ଷ ସହିଛି କେତେ ଲୋକଙ୍କ କେତେ କଥାକୁ । ବ୍ୟଥାକୁ । ବାଞ୍ଝ, ନିଃସନ୍ତାନ, ଅଲକ୍ଷଣୀ ଏପରି କେତେ କ'ଣ ? ସେ ଭାଙ୍ଗିଯାଇନି । ଆଉ ଆଜି ଭାଙ୍ଗିଯିବ ତା'ନିଜ ପୁଅର କେତେ ପଦ କଥାରେ । ଓଃ... କଥା ତ ନୁହଁ ବ୍ୟଥାରେ । ନା... କେବେ ନୁହଁ ।

ହେଲେ କଥାରେ ଅଛି ଦଇବ ଦଉଡ଼ି...... । ଗୋଡ଼ର ଯନ୍ତ୍ରଣା ବଢ଼ି ବଢ଼ି ଚାଲିଥାଏ । ଏଇନା ତ ଦୀନାବାଇ ପାଇଁ ଅସହ୍ୟ ହେଲାଣି । ତା ବୋଲି ତ ଅନିଚ୍ଛା ରେ- ଆଃ.... ଉଃ.... ମାଁ ଲୋ.... । ଧୀରେ ଧୀରେ ଅସମ୍ଭାଳ ହୋଇଯାଉଥାଏ ଶରୀର ଯାକ । ତାପମାତ୍ରା ବଢ଼ି ଚାଲୁଥାଏ । ଦେହ ସାରା ଖଇ ଫୁଟୁଥାଏ । ତଥାପି ସମସ୍ତେ କହୁଥାନ୍ତି । ଭୋଜି ସରିଯାଉ । ଦେଖିବା । କିଛି ହେବନି । ।

"କିଛି ହେବା କଣ ନିଜ ହାତରେ । କରିଦେଉନ ।" ରାଗିକି ତା' ଝିଅ କହୁଥାଏ । ହେଲେ ଶୁଣିଥିଲା କିଏ । ଯା' କାମରେ ବ୍ୟସ୍ତ ସିଏ । ରଙ୍ଗାରଙ୍ଗ ସାଜସଜ୍ଜା । ରାଜୁ କଣ ବିମଲକୁ କହୁଥାଏ- "ଯେ ଆସିବ ବର୍ଷ ବର୍ଷ ମନେ ରଖିବ ଏଇ ବିବାହକୁ ।"

ସମୟକୁ ଧରିଛି କିଏ ? ସେ ଆସି ମୁଣ୍ଡ ଉପରେ । କେତେ ଗାଡ଼ି ଆସୁଥାଏ.. । କେତେ ଯାଉଥାଏ.. । ଶହ ଶହ ଲୋକ ଆସୁଥାନ୍ତି.. । ଡିଜେ ତାଳେ ତାଳେ ଝୁମୁଥାନ୍ତି କେହି କେହି । ଖାଉଥାନ୍ତି କେହି କେହି । ସେଲଫି ନେଉଥାନ୍ତି କେହି କେହି..... । କେହି ଜଣେ ହଠାତ୍ ଦୌଡ଼ି ଆସେ ଷ୍ଟେଜ୍‌କୁ । ରାଜୁକୁ କାନରେ କହେ- "ଦୀପାବାଇ ଆଉ ନାହାନ୍ତି" । ସମସ୍ତ ପରିବେଶ ଶାନ୍ତ । କଣ ହେଲା ? ନାଚୁଥିବା, ଖାଉଥିବା ଲୋକ ମଧ ଆଁ... କରି ଅନେଇଥାନ୍ତି ସେହି ପ୍ରଶ୍ନବାଚୀଟେ ନେଇ । ରାଜୁ ଖାରଜ କରି କହେ- "କିଛି ହୋଇନି" । ତା'ପରେ ସବୁକିଛି ପୂର୍ବବତ୍ । ନାଚ, ଭୋଜି, ଡିଜେ ସବୁକିଛି । ରାଜୁ ପୁଣି ସେହି ଲୋକର କାନରେ କହେ-

"କିଛି ହୋଇନି" । ତା'ପରେ ସବୁକିଛି ପୂର୍ବବତ୍ । ନାଚ, ଭୋଜି, ଡିଜେ ସବୁକିଛି । ରାଜୁ ପୁଣି ସେହି ଲୋକର କାନରେ କହେ- ଭଉଣୀକୁ ଶୁଣାଅ ନାହିଁ, ସେ ରଡ଼ିବ । ହଁ.. ଆଉ କବାଟ ଦେଇ ଦିଅ ।

ପୁଣିଥରେ ସବୁକିଛି ଚାଲିଲା ପୂର୍ବବତ୍ । ଖାଇବା । ନାଚିବା । ଫୋଟୋ କାଢ଼ିବା । ବର କନ୍ୟା ପାଇଁ ସ୍ୱତନ୍ତ୍ର ସ୍ୱତନ୍ତ୍ର ଭାବେ । କନ୍ୟା ପକ୍ଷରୁ ଆସିଥିବା କାମେରାମେନ୍ କନ୍ୟାର ଚିହ୍ନା । ଏଣୁ ଡାକିଥାଏ କ୍ୟାମେରାମେନ୍‌କୁ ଆଉ କହେ ତା' ଶାଶୁକୁ ଟିକେ ଡାକିଦେବା ପାଇଁ । ତାଙ୍କ ସହ ଫୋଟୋ ଟେ ହେବ ।

ଏହାପରେ ସବୁକିଛି ଗୋଳମାଳ । ଫସର ଫାଟିଗଲା ସବୁକିଛି । ସମସ୍ତେ ଜାଣିଯାଆନ୍ତି । କୁହାକୁହି ହୁଅନ୍ତି ନିଜ ନିଜ ଭିତରେ । ବୁଢ଼ୀ ମରିଗଲା । ବୁଢ଼ୀ ମରିଗଲା । ଝାଞ୍ଜି ପବନ ପରି କଥାଟା ବ୍ୟାପିଯାଏ ଗାଁ ସାରା । ଦେଇଯାଏ ଝାଞ୍ଜି ପରି ତାତିର ଅନୁଭବ । ଗାଁ ଲୋକ ଫୁସୁର ଫାସର ହୁଅନ୍ତି । ଶୁଣିବାକୁ ମିଳେ ଯେ । ଦୀନାବାଇ ବିବାହର ପଚିଶ ବର୍ଷ ନିଃସନ୍ତାନ ଥିଲା । ପରିଶେଷରେ ବହୁ ଜପତପରେ ଜନ୍ମ ହୋଇଥିଲା ରାଜୁ । ତା'ପରେ ରାଜୁର ପଢ଼ା ସମୟରେ । ରାଜୁ ବାପା ଚାଲିଗଲା । ତା' ପରେ ମଧ ଭାଙ୍ଗିଯାଇନି ଦୀନାବାଇ । ଖୁବ ଲଢ଼ିଲା ପରିସ୍ଥିତି ସହ । ଏଇ ଶେଷ ନିଶ୍ୱାସ ପର୍ଯ୍ୟନ୍ତ । ଗାଁ'ର କେତେ ବୃଦ୍ଧ ବୃଦ୍ଧା ଚାଲିଗଲେ ଆଶ୍ରମକୁ । ସେ ଗଲା ନାହିଁ । ସେ କୁଆଡ଼େ କହୁଥିଲା- "ସେ ବୃଦ୍ଧାଶ୍ରମ ଗଲେ, ତା' ପୁଅର ଇଜ୍ଜତ ଚାଲିଯିବ" । ସେ ଆଜି ଚାଲିଯାଇଛି ସତ । କିନ୍ତୁ ଇତିହାସ ହୋଇ ରହିଯାଇଛି ଏଇ ଗାଁ' ଲୋକଙ୍କ ମୁଖରେ । ଆଖପାଖ ଗାଁ ଲୋକଙ୍କ ମୁଖରେ । ସତରେ ଗୋଟେ ସଫଳ ନାରୀର ସ୍ୱରୂପ ହୋଇ । ଠିକ୍ ନାରୀ ଜାତି ପରି ଦେଇଚାଲିଛି ସବୁକିଛି । ହେଲେ ମାଗିନାହିଁ କେବେ କିଛି । ତା' ବୋଲି ତ ଆଜି ସେ ନାରୀର ସଠିକ୍ ଦୃଷ୍ଟାନ୍ତଟିଏ । ଇତିହାସ ପୃଷ୍ଠାର ସୀତା, ଅନୁସୟା, ଗାର୍ଗୀ, ଲୋପାମୁଦ୍ରା ପରି....... ।

ଭୂଷଲାର୍ଡ଼, ସିନ୍ଧେକେଲା, ବଲାଙ୍ଗୀର

# ଅଧା ରହିଗଲା ରାକ୍ଷୀ ବନ୍ଧନ

- ପ୍ରକାଶ ସାହୁ

ରାକ୍ଷୀର ମହତ୍ୱ ଭାଇ କୁ ଜଣା । ଆଉ ଭାଇର ମହତ୍ୱ ଭଉଣୀକୁ । ଦୁନିଆର ସବୁଠୁ ପବିତ୍ର ବନ୍ଧନ ରାକ୍ଷୀ ବନ୍ଧନ । ଯଦି ରାକ୍ଷୀ ବାବଦରେ ଅବୁଝା ଅଛ ତେବେ ଦେଖ ଟିକେ ସେହି ଶ୍ରୀମନ୍ଦିରକୁ କେମିତି ଅଛି ସେହି ଅଲିଅଳି ଭଉଣୀ ତା ବଡ଼ ଭାଇ ବଳିଆ ଆଉ ସାନ ଭାଇ କାଳିଆ ମଝିରେ । ରାକ୍ଷୀ ଏକ ସାମାନ୍ୟ ସୂତା ଖିଅଟିଏ କିନ୍ତୁ ଭଉଣୀ ଯେବେ ବାନ୍ଧେ ରାକ୍ଷୀ ତା ଭାଇ ହାତରେ ସେହି ସୂତା ଖିଅ ପାଲଟି ଯାଏ ସୁରକ୍ଷା ର କବଚ । ଭାଇର ମଙ୍ଗଳ କାମନା କରେ ଭଉଣୀ, ପ୍ରତିବଦଳ ରେ ଭାଇ ଭଉଣୀର ସୁରକ୍ଷା ପ୍ରତିଶ୍ରୁତି ଦିଏ । କିନ୍ତୁ ବେଳେ ବେଳେ ଏମିତି କିଛି ପ୍ରଶ୍ନ ମନକୁ ଆସେ ରାକ୍ଷୀକୁ ନେଇ ଆଜିର ସଭ୍ୟ ସମାଜରେ ନାରୀ ମାନଙ୍କ ପ୍ରତି ଥିବା ଘୃଣ୍ୟ ମନୋଭାବ । ଆଉ ବିଧାତା ର ବିଚାର ବି ବଡ଼ ବିଚିତ୍ର ।

ମନେ ପଡ଼ିଲେ ନୟନରୁ ଲୋତକ ଝରି ପଡ଼େ । ଶରୀର ମୋର ଶିତେଇ ଉଠେ । ଦେହରେ ଶିହରଣ ଖେଳି ଯାଏ । ମନ ମୋର ଦୁଃଖ ରେ ଭାଙ୍ଗିଯାଏ । ଆହା କି କରୁଣ ସେ କାହାଣୀ । ହେ ଭଗବାନ ! ସତେ କି ତୁ ଏଡ଼େ ନିଷ୍ଠୁର ? ତୁହି ପରା ସୃଷ୍ଟିକର୍ତ୍ତା । ତୋ ସୃଷ୍ଟି ରେ ଏଡ଼େ ହୀନସ୍ତା କାହିଁକି ? ହେ ପ୍ରଭୁ ତୁ ମାନିନୀ ର ସାହା ଭରସା, ତା ନ ହେଲେ ସେ ସାରା ସଂସାର ରୁ ଭାସିଯିବ ।

ମାନିନୀ ଛୋଟ ଝିଅଟିଏ । ନବମ ଶ୍ରେଣୀର ଛାତ୍ରୀ । ବାପା ତାର ଭାରତୀୟ ସେନା ରେ ଜଣେ ସିପାହୀ । ତାର ସାନ ଭାଇ ଦିପୁ, ବହୁତ ଭଲ ପାଏ ତାକୁ । ମା ରୋଗ ରେ ପଡ଼ି କିଛି ବର୍ଷ ତଳେ ସମସ୍ତଙ୍କୁ ପର କରି ଚାଲିଯାଇଛି ଆର ପାରିକୁ । ବାପା ମଝିରେ ମଝିରେ ଗାଁକୁ ଆସିଲେ ସେମାନଙ୍କ ପାଇଁ ଅନେକ ଖାଇବା ଜିନିଷ, କପଡ଼ା ନେଇ ଆସନ୍ତି । ପିଲା ଦୁଇ ଜଣଙ୍କର ମୁହଁ କୁ ଦେଖି ମାନିନୀ ର ବାପା ବି ଦ୍ୱିତୀୟ ବିବାହ କଲେ ନାହିଁ । କାଳେ ସେମାନଙ୍କର ଯତ୍ନରେ ଅବହେଳା ହେବ ବୋଲି । ଜେଜେମା ଆଉ ଜେଜେବାପାଙ୍କ ସହିତ ମାନିନୀ ଆଉ ଦୀପୁ ବହୁତ ଖୁସିରେ ରହିଥାନ୍ତି ।

ହଠାତ୍ ଏହି ସଂସାର ର ଭାଗ୍ୟକାଶ ରେ ସୂର୍ଯ୍ୟ ଲିଭିଗଲା । ସାରା ସଂସାର ଅନ୍ଧକାରମୟ ହୋଇଗଲା । ସେଦିନ ଥିଲା ଅଗଷ୍ଟ ମାସ ପନ୍ଦର ତାରିଖ ଯେଉଁଦିନ ଆମ ଦେଶ ସ୍ୱାଧୀନ ହୋଇଥିଲା ।

ମାନିନୀ ଆଉ ଦିପୁ ଗାଁ ବିଦ୍ୟାଳୟ ରେ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ ଦୂରଦର୍ଶନ ଏବଂ ରେଡ଼ିଓରେ ଖବର ପ୍ରସାରିତ ହେଲା ଏମିତି "ସ୍ୱାଧୀନତା ଦିବସ ଅବସର ରେ ଆତଙ୍କବାଦୀ ଙ୍କର ଏକ ବଡ଼ ଧରଣର ଯୋଜନା କୁ ପଣ୍ଡ କରିଦେଇଛି ଭାରତୀୟ ସେନା । ଏଥିରେ ସମସ୍ତ ଆତଙ୍କବାଦୀ ମୃତ୍ୟୁବରଣ କରିଛନ୍ତି ।" ଆଉ ସେନା ର ଦୁଇ ଜଣ ଯବାନ ସହିଦ ହୋଇଛନ୍ତି ।

ଚାରିଆଡ଼େ ଖାଲି ସେନାର ପ୍ରଶଂସା । ଦେଶ ର ସ୍ୱାଧୀନତା ଦିବସ ଅବସରରେ ସେନା ର ଏକ ବଡ଼ ସଫଳତା ପାଇଁ ସବୁଆଡ଼େ ଚର୍ଚ୍ଚା ଚାଲିଛି । ମାନିନୀ ଆଉ ଦିପୁ ବି ବହୁତ ଖୁସି ।

ପରଦିନ ସକାଳ ସମୟରେ ମାନିନୀ ଘର ଚଉଁରା ମୂଳେ ଦୀପ ଜାଳୁଥିବା ବେଳେ । କିଛି ଗାଡ଼ିର ଶବ୍ଦ ଶୁଣି ଧାଇଁ ଗଲା ସେହି ଘର ଅଗଣା ଆଡ଼େ । ଏତେ ସବୁ ଏକ ରଙ୍ଗ ର ଗାଡ଼ି ଆଉ ବାପାଙ୍କ ପୋଷାକ ପରି ପିନ୍ଧିଥିବା କିଛି ଯୁବକଙ୍କୁ ଏତେ ପାଖ ରେ ଦେଖି ମାନିନୀ କିଛି ବୁଝି ପାରୁନଥିଲା । ଗାଡ଼ି ର ପଛରେ ଥିଲେ ଶହ ଶହ ଲୋକ । ହଠାତ୍ ଗାଡ଼ି ଭିତରୁ କିଛି ଲୋକ ଜଣେ

ଲୋକର ଶବ ଆଣି ଘର ସାମ୍ନାରେ ରଖି ଦେଲେ । ଧଳା କପଡ଼ାରେ ଶବକୁ ଘୋଡ଼ାଇ ଦିଆଯାଇଥିଲା । ମାନିନୀ ଖାଲି ଦେଖୁଥାଏ ହାତ ରେ ଥାଏ ଅଧା ଜଳା ଦୀପ, କେହି ଜଣେ ଶବ ର ମୁହଁ ରୁ କପଡ଼ା ଉଠାଇ ଦେଲେ । ଜେଜେମା ଆଉ ଜେଜେବାପାଙ୍କ କ୍ରନ୍ଦନ ଶୁଣିବାକୁ ମିଳିଲା ତାକୁ । ସାନ ଭାଇ ଦିପୁ ବି କାନ୍ଦୁଥିଲା । ସେ କଣ କରିବ ଏପରି ପରିସ୍ଥିତିରେ କିଛି ବୁଝି ପାରୁନଥିଲା । ଏହି କିଛି ବର୍ଷ ତଳେ ମାକୁ ହରାଇବାର ର ଦୁଖ ସବୁ ମନେ ଅଛି । ମନେ ଅଛି ବିତି ଯାଇଥିବା ସେହି ଦୁଃଖଦ ଦିନ ଗୁଡ଼ିକ । ଏତେ କମ୍ ବୟସରେ ଏତେ ବଡ଼ ଦୁଖକୁ ସେ ସମ୍ଭାଳି ପାରୁନଥିଲା । କାହାର ଦୋଷ ଦେବ ସେ ବୁଝି ପାରୁନଥିଲା । କେଉଁ ଜନ୍ମ ର ପାପ କି କାହା ଅଭିଶାପ ର କୋପ ରେ ତାର ଏହି ସୁନାର ସଂସାର ଆଜି ଛାରଖାର ହୋଇଗଲା ?

ତଥାପି ଭାଙ୍ଗି ପଡ଼ିଲାନି ସେ ପାଠ ପଢ଼ା ଛାଡ଼ିଦେଲା । ଜେଜେ ମା, ଜେଜେବାପା ଆଉ ଦିପୁ ର ଦାୟିତ୍ୱ ଏବେ ତା ହାତ ରେ ନ୍ୟସ୍ତ କରି ଭଗବାନ ତାର କେଉଁ ପରୀକ୍ଷା ନେଉଥିଲେ କେଜାଣି ? ବହୁ ଦୁଃଖ କଷ୍ଟରେ ସମୟ ବିତିଲା ତାର । ଯେଉଁ ବୟସ ରେ ସାଙ୍ଗ ମାନଙ୍କ ସହିତ ବୁଲିବା କି କଲେଜ ଯାଇ ପାଠ ପଢ଼ିବା କଥା ଆଜି ସେ ସମସ୍ତ ଆଶାକୁ ମାରି ଦେଇଛି କେବଳ ତା ଭାଇ କୁ ମଣିଷ କରିବା ପାଇଁ ଘରର ଚାରି କାନ୍ଥ ଭିତରେ ନିଜକୁ ଆବଦ୍ଧ କରିଦେଇଛି ।

ଆଜି ମାନିନୀ ହସି ହସି ଖୁସିରେ ଡେଇଁ ପଡୁଛି । ଭାଇ ତାର ମାଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ରେ ପାସ କରିଛି । ସବୁ ଦୁଃଖ ତାର ଦୁରେଇ ଯାଉଛି । ଆଜି ତା ଆଖିରେ ଆଖିଏ ସ୍ୱପ୍ନ । ସେ ଯେମିତି ଯେଉଁଠି ହେଲେ ପଇସା ଆଣିବ । ଭାଇ କୁ ଅଧିକା ପାଠ ପଢ଼ାଇବ । ତା ଭାଇ ବଡ଼ ମଣିଷ ହେବ । ତାର ସବୁ ଦୁଃଖ ଦୁରେଇ ଯିବ । ସେ ଦଉଡ଼ି ଯାଉଥାଏ ତା ବାପା ମା ଙ୍କ ଫଟୋ ନିକଟକୁ । ସତରେ କେତେ ଖୁସି ହୋଇଥାନ୍ତେ ତାର ବାପା ମା । ମନ ତାର ଦୁଃଖରେ ମଳିନ ପଡ଼ିଥାଏ । କଇଁ କଇଁ ହୋଇ କାନ୍ଦି ଉଠେ ସେ । ମନେ ମନେ କହି ଉଠେ ତୁମେ ଦିପୁକୁ ଆଶୀର୍ବାଦ କର । ମୋତେ ସାହସ ଯୋଗାଅ । ଏମିତି କେତେ କଣ ଭାବି ମୁଣ୍ଡିଆ ମାରେ ସେହି ସ୍ୱର୍ଗତ ପିତା ମାତାଙ୍କ ଫଟୋ ନିକଟରେ ।

ରାଜଧାନୀର ଏକ ନାମିଦାମୀ କଲେଜରେ ଦିପୁ ର ନାମ ଲେଖା ସରିଗଲା । ଆଜି ସେ ପାଠ ପଢ଼ିବାକୁ ଯାଉଛି । ନୂଆ ଜାଗା, ନୂଆ ପିଲା । ସତର୍କ ରହିବୁ । ମନ ଲଗାଇ ପାଠ ପଢ଼ିବୁ । କେତେ କଣ ବୁଝାଉଥାଏ ମାନିନୀ ତାର ଆଦରର ଭାଇ ଦିପୁକୁ । ଦିପୁ ଚାଲିଗଲା ପାଠ ପଢ଼ିବା ପାଇଁ । ମାନିନୀ ଆଜି ଏକା । ଆଦୌ ଭଲ ଲାଗୁନଥାଏ ତାକୁ । ଚାହୁଁ ଚାହୁଁ ରାକ୍ଷୀ ପୂର୍ଣ୍ଣିମା ଆସିଗଲାଣି । ତାର ସେହି କୁନି ଗେହ୍ଲା ଭାଇ ହାତ ରେ ରାକ୍ଷୀ ବାନ୍ଧି ସାହସ ଯୋଗାଇ ଦେବା ପାଇଁ ଦିପୁ ପାଖକୁ ଆଜି ଚିଠି ଟିଏ ଲେଖିଲା । ଦିପୁ ରେ, ଆଶୀର୍ବାଦ ନେବୁ । ତୁ କେମିତି ଅଛୁ ସେଠି । ଦେହ ଭଲ ଅଛି କି ନାହିଁ । ପାଠ ପଢ଼ା କେମିତି ଚାଲିଛି । ତୁ ରାକ୍ଷୀ ପୂର୍ଣ୍ଣିମା କୁ ଆସିବୁ । ତୋତେ ବହୁତ ଦିନ ହେବ ଦେଖି ନାହିଁ । ତୋ ନାନୀ କଥା ରଖିବୁ । ଗୋଟେ ଦିନ ପାଇଁ ଘରକୁ ଆସିବୁ । ଜେଜେମା ଆଉ ଜେଜେବାପା ବି ତୋ କଥା ବହୁତ ପଚାରୁଛନ୍ତି । ତୋ ସାଙ୍ଗମାନେ ବି ପଚାରୁଛନ୍ତି ତୋ ବିଷୟରେ ତୁ କେବେ ଆସିବୁ ?

ତୋ ଅପା,

ଦଶ ଦିନ ଭିତରେ ଚିଠିର ଉତ୍ତର ଆସିଗଲା । ନାନୀ ତୁ ଆଦୌ ବ୍ୟସ୍ତ ହେବୁ ନାହିଁ । ମୁଁ ରାକ୍ଷୀ ପୂର୍ଣ୍ଣିମା ଦିନ ଘରକୁ ଯିବି । ନାନୀ ମୁଁ ବହୁତ ଦିନ ହେଲା ତୋ ହାତ ରନ୍ଧା ଖାଇ ନାହିଁ । ମୁଁ ଘରକୁ ଗଲେ ଚକୁଳି ପିଠା କରିଦେବୁ । ଅନ୍ୟାନ୍ୟ ସବୁ ଭଲ । ମୁଁ ପୂର୍ଣ୍ଣିମା ଦିନ ସକାଳୁ ପହଂଚିଯିବି । ଚିଠିର ଉତ୍ତର ପଢ଼ି ଆନନ୍ଦର ସୀମା ରହିଲା ନାହିଁ ମାନିନୀର । ତା ଭାଇ ଆସିବ । ଗାଁରୁ ଯାଇଛି ସହରକୁ ପାଠ ପଢ଼ିବା ପାଇଁ କେତେ ନୂଆ ଜିନିଷ ଦେଖୁଥିବ । ସେ କଣ ଏହି ଅଳ୍ପ ଦାମ ରାକ୍ଷୀ କୁ ପସନ୍ଦ କରିବ । ଯେମିତି ହେଉ କିଛି ପଇସା ସଂଚୟ

କରି ବାହାରିଗଲା ଏକ ଦାମୀ ରାକ୍ଷୀ କିଣିବା ପାଇଁ । ବାଦାମ, ନଡ଼ିଆ ଆଉ ଘିଅ ଆଣି ପିଠା କରିବ ତା ଭାଇ ଖାଇବ କେଡ଼େ ସରାଗରେ, ଆଉ କହିବ ମୋ ନାନୀ ପରି କିଏ ହେବ । ଏତକ ତା ଭାଇ ପାଟି ରୁ ଶୁଣି ଖୁସିରେ ଫୁଲି ପଡ଼ିବ । ରାକ୍ଷୀଟିକୁ ବାନ୍ଧି ଦେଇ କହିବ ଦିପୁ ରେ ତୁ ଭଲ ମଣିଷ ଟେ ହେବୁ । ଦେଶ ଜାତି ର ସେବା କରିବୁ । ବାପାଙ୍କ ପରି ସେନା ବାହିନିର ଯୋଗ ଦାନ କରି ଦେଶ ସୁରକ୍ଷା କରିବୁ । ସେଥିରେ ତୋ ନାନୀ ର ଆନନ୍ଦ । ଆଉ କିଛି ଲୋଡ଼ା ନାହିଁ ମୋର ।

ଆଜି ରାକ୍ଷୀ ପୂର୍ଣ୍ଣିମା । ଦିପୁ ତାର ଗାଁ ମାଟିକୁ ଆସିବ । ମାନିନୀ ପିଠା ସଜାଇ ରଖିଛି । ଘରେ କାମ କରୁ କରୁ ଦାଣ୍ଡ ଦୁଆର ମୁହଁରେ ଶୁଣାଗଲା ଗାଡ଼ିର ଶବ୍ଦ । ମାନିନୀ ଦୌଡ଼ିଗଲା । ଦେଖେ ତ ଦୁଇ ତିନି ଜଣ ପ୍ୟାଂଟ ସାର୍ଟ ପିନ୍ଧି ଗାଡ଼ିରୁ ଓହ୍ଲାଇ ପଡ଼ିଲେ । ମାନିନୀ ଭାବିଲା ଏମାନେ ତା ହେଲେ ଦିପୁର ସାଙ୍ଗ । ଦିପୁ ତାଙ୍କୁ ସାଙ୍ଗରେ ଆଣିଛି ତାଙ୍କ ଘର ଦେଖେଇ ନେବାକୁ ହେଲେ ବର୍ତ୍ତମାନ ସେ କିଣିବ କଣ ? ସେ ତ ଗୋଟିଏ ରାକ୍ଷୀ କିଛି ପିଠା ରଖିଛି । ଏମାନଙ୍କ ହାତରେ ବାନ୍ଧିବ କ'ଣ ? ଖାଇବାକୁ ଦେବ କଣ । ମନେ ମନେ ଚିଡ଼ି ଉଠିଲା ।

କିନ୍ତୁ ଏ କଣ ହେଲା । ମାନିନୀ ର ମୁହଁ କଳା ପଡ଼ିଗଲା । ତା ମୁଣ୍ଡ ଘୁରାଇ ଦେଲା । ସବୁ ଅନ୍ଧକାର ଦେଖାଗଲା । ତାକୁ ସେହି ବନ୍ଧୁମାନେ ଧଳା ଚାଦର ତଳେ ଶୋଇଥିବା ଦିପୁକୁ ଓହ୍ଲାଇ ଆଣିଲେ । ଠିକ ଏହିପରି ତା ବାପାଙ୍କ ଶବକୁ ଘର ଅଗଣା ରେ ରଖାଇଯାଇଥିଲା । ଆଉ ମଧ ରଖାଯାଇଥିଲା ତାର ମା'ର ଶବ ଠିକ ଏହିପରି ମଶାଣିକୁ ନେବା ପୂର୍ବରୁ । ମାନିନୀ ଧଳା ଚାଦର ବାହାର କରି ଦେଖେ ତ ଦିପୁ ର ରକ୍ତ ଜୁଡୁବୁଡୁ ଶରୀର । ଏଥର ମାନିନୀ ନା କାନ୍ଦି ପରିଲା ନା ହସି ପାରିଲା । ମୁକ ହେଲା ପରି ଶବ ର ପାଖରେ ବସି ପଡ଼ିଲା । ବାପା ମାଙ୍କୁ ହରାଇଲା ପରେ ଯାହା ମୁହଁକୁ ଚାହିଁ ସେ ଆଜି ଯାଏ ବଂଚି ଥିଲା ଶେଷ ରେ ସେ ବି ଚାଲିଗଲା ବହୁ ଦୂରକୁ । ଗାଁର ଲୋକ ମାନେ ତାକୁ ଯେତେ ଯାହା କହିଲେ ସେ କିଛି କହିଲା ନାହିଁ । କାରଣ ଦିପୁ ର ଶବ କୁ ଦେଖି ତାର ପ୍ରାଣବାୟୁ ଉଡ଼ିଯାଇଥିଲା ।

ଦିପୁ ଆସିବା ବାଟରେ ତାର ଗାଡ଼ି ଦୁର୍ଘଟଣାରେ ଚିରଦିନ ପାଇଁ ଆଖି ବୁଜିଦେଇଥିଲା । ଗୋଟିଏ ଜୁଇ ରେ ଭାଇ ଭଉଣୀ ଦୁଇଜଣ ମହା ଆନନ୍ଦରେ ଶୋଇଗଲେ । ଏ ଦୁଃଖଦ ସଂସାର ରୁ ବିଦାୟ ନେଲେ ଶେଷ ରେ ଅଧା ରହିଗଲା ରାକ୍ଷୀ ବନ୍ଧନ...

*ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ*



R. S. TUTORIALS
SURYALOKA LANE, CHANDI CHHAK, CUTTACK
Admission Open ! Admission Open ! Admission Open !
Admission Open ! Admission Open !
A Complete Coaching for
+2 Arts & Commerce
+3 Arts (Hons, Elective, Pass)
Special Coaching for : Spoken English
And also M. A. Entrance, (Pol. Science)
Contact : 9861462581, 9861816123

# ମାତା ପିତାଙ୍କର ଭୂମିକା କ'ଣ ?

- ଦେବବ୍ରତ ଦାସ

ଦୁଇଟି ପବିତ୍ର ଆତ୍ମାର ବନ୍ଧନକୁ ବିବାହ କୁହାଯାଏ । ବଂଶ ପରମ୍ପରାକୁ କ୍ରିୟାଶୀଳ ରହିବା ପାଇଁ ବିବାହ ହେଲେ ଏକ ଅତ୍ୟନ୍ତ ପବିତ୍ର ସଂସ୍କାର । ଏହା ଏକ ଏପରି ପରମ୍ପରା ଯାହା ଅସୀମ କାଳ ପର୍ଯ୍ୟନ୍ତ ସମାଜରେ ପ୍ରତିଷ୍ଠିତ ହୋଇଥାଏ । ଯେକୌଣସି ସମୟରେ ବା ଯୁଗରେ ସମାଜକୁ ସୁସ୍ଥ ରଖିବା ହେଲା ଲୋକମାନଙ୍କର କାର୍ଯ୍ୟ । ସମାଜରେ ସନ୍ନ୍ୟାସୀମାନେ ମଧ ସାଂସାରିକ ମାନଙ୍କ ଠାରୁ ଜନ୍ମ ନିଅନ୍ତି ।

ବୈବାହିକ ଜୀବନ ଆଧାତ୍ମିକ ଏବଂ ସାମାଜିକ ସ୍ତରକୁ ଉତ୍ତମ ରୂପେ ବୁଝିବା ଆବଶ୍ୟକ । ମନେ ରଖିବା ଆବଶ୍ୟକ ଯେ ଆମର ଜନ୍ମଭୂମି ଭାରତବର୍ଷ ବୈଚିତ୍ରତାରେ ପରିପୂର୍ଣ୍ଣ । ବିଭିନ୍ନ ସଂସ୍କୃତି ବିଭିନ୍ନ ସ୍ତର ଏବଂ ବିଭିନ୍ନ ସମୁଦାୟର ଏହା ଏକ ମିଳନ ସ୍ଥଳ । ଧନୀ ଏବଂ ଦରିଦ୍ର ଭେଦରେ ମଧ ସମାଜରେ ଏକ ବୈସମ୍ୟତା ଦେଖାଦିଏ । ନିଧନ ମାତା ପିତାମାନେ ନିଜର କନ୍ୟାର ବିବାହ ସ୍ୱଳ୍ପ ବ୍ୟୟରେ କରିଥାନ୍ତି, ଅନ୍ୟ ପକ୍ଷରେ ଧନୀ ମାତା ପିତାମାନେ ବ୍ୟୟ ବହୁଳ କରି ନିଜର କନ୍ୟାର ବିବାହ ସମ୍ପନ୍ନ କରିଥାନ୍ତି । କିନ୍ତୁ ଦୁଇ କ୍ଷେତ୍ରରେ ମାତା ପିତା ମାନଙ୍କୁ ଯେଉଁ ପ୍ରସନ୍ନତା ମିଳିଥାଏ ତାହା ସମାନ ।

ବିବାହ ସଂସ୍କାରରେ ମାତା ପିତାଙ୍କର ଗୁରୁଦାୟିତ୍ୱ ରହିଛି ।

ବ୍ରହ୍ମା ବିଦ୍ୟାକୁ ନିଜ ପୁଅମାନଙ୍କୁ ପ୍ରଥମେ ଦେଇଥିଲେ । ତାଙ୍କ ପୁତ୍ରମାନଙ୍କ ଠାରୁ ଏହି ବିଦ୍ୟା ତାଙ୍କ ଭବିଷ୍ୟତ ବଂଶଧରମାନଙ୍କୁ ମିଳିଥିଲା । ଏଣୁ ମାତା ପିତାଙ୍କ ଠାରୁ ତାଙ୍କର ସନ୍ତାନ ମାନେ ଆଧାତ୍ମିକ ଧନ ମିଳିବା ଆବଶ୍ୟକ । ଏହା ତାଙ୍କର ବିଶେଷ ଦାହିତ୍ୱ । ଏଣୁ ମାତା ପିତାମାନେ ନିଜର ସନ୍ତାନ ମାନଙ୍କୁ ଏହି ଦୀକ୍ଷା ଅବଶ୍ୟ ଦେବା ଉଚିତ୍ ଯେ ତୁମେମାନେ ବିବାହ ପରେ ଯେତେବେଳେ ମାତା ପିତା ହେବ, ସେତେବେଳେ ନିଜର ପିଲାମାନଙ୍କୁ ସୁସନ୍ତାନ କରି ଗଢ଼ିବା ପାଇଁ ତୁମ୍ଭମାନଙ୍କ ପାଖରେ ଆଧାତ୍ମିକ ଜ୍ଞାନ ଓ ଆଧାତ୍ମିକ ଶକ୍ତି ଥିବା ଆବଶ୍ୟକ । ଆମ ଦେଶରେ ବର୍ତ୍ତମାନ ଶିକ୍ଷା ମୋ ମତରେ ଶୂନ୍ୟ । ଶିକ୍ଷା ଦୁଇଟି ସ୍ତର-ଗୋଟେ ବାହ୍ୟସ୍ତର ଏବଂ ଅନ୍ୟଟି ଆନ୍ତରିକ । ଆନ୍ତରିକ ଶିକ୍ଷା ଦ୍ୱାରା ହିଁ ମନ-ବୁଦ୍ଧି ବିଶାଳ ଏବଂ ବଳଶାଳୀ ହୁଏ ।

ଯେଉଁ ଆନ୍ତରିକ ସ୍ନେହ ଦେଇ ତୁମର ମାତା ପିତାମାନେ ତୁମକୁ ବଡ଼ କରିଛନ୍ତି, ସେହି ପ୍ରେମ ହିଁ ତୁମର ଜୀବନରେ ମାର୍ଗଦର୍ଶନ କରିବାକୁ ସହାୟତା ହେବ । ନିଜର ମନ, ବୁଦ୍ଧି ଏବଂ ଇଚ୍ଛାଶକ୍ତି ଦ୍ୱାରା କଠିନ ପରିଶ୍ରମ ହିଁ ଏଥିପାଇଁ ଆବଶ୍ୟକ । କାହାରିକୁ ହେଲେ ନିଜର ଶତ୍ରୁ ବୋଲି ଗ୍ରହଣ କରନାହିଁ । ତୁମ ପାଖରେ କଣ ନାହିଁ ସେଥିପ୍ରତି ବିଶେଷ ଧାନ ନ ଦେଇ ତୁମ ପାଖରେ କଣ ଅଛି ସେଥିପ୍ରତି ଧାନ ଦେବା ଆବଶ୍ୟକ- ସେଥିରେ ସଫଳତା ରହସ୍ୟ ରହିଛି । ନିଜର ସଂସ୍କୃତି , ପରମ୍ପରାକୁ ନଷ୍ଟ କରନାହିଁ ଆମ ସଂସ୍କୃତି, ପରମ୍ପରା ସବୁଠାରୁ ଉର୍ଦ୍ଧ୍ୱରେ ।

ଜୟ ଶ୍ରୀ ରାଧେ

- ପଦାରବିନ୍ଦ

# ଆଜ୍ଞା ଆପଣେ

- ପ୍ରସନ୍ନ କୁମାର ମାଦଳା

ଆଜ୍ଞା ଆପଣେ ଅଛନ୍ତି... ଏମିତି ଲମ୍ବେଇ ହୋଇ ଖଣ୍ଡେ ଦୂରରୁ ଡାକଟିଏ ଛାଡ଼ି କାଳିଆ ବୁଢ଼ାଟା ଠକ୍ ଠକ୍ କଠାଉ ଶବ୍ଦ କରି ପଶି ଆସେ ଆମ ମଝିଘର ଅଗଣା ଯାଏଁ ବିନା କୌଣସି ସଙ୍କୋଚରେ । କାନ୍ଥ କୋଣକୁ ତା ବଙ୍କୁଲି ବାଡ଼ି ଖଣ୍ଡକ ଆଉଜାଇ ଗଣ୍ଠିଲି ପତ୍ର ତଳେ ଥୋଉ ଥୋଉ ବୋଉ ମୋର ଧାଇଁ ଆସେ ପିଢ଼ାଟିଏ ଧରି । ଜୁହାର ହୋଇ ଭଲ ମନ୍ଦ ପଦେ ନିଶ୍ଚୟ ପଚାରେ ଆଉ ବୁଢ଼ାର ଗାଧୁଆ ପାଧୁଆ ପାଇଁ ତେଲ ଦାନ୍ତକାଠି ଆଣି ଥୋଇ ଦିଏ । ଶାନ୍ତିରେ ନିଶ୍ୱାସ ମାଇଲା ପରେ ବୁଢ଼ା ଆଜି ଟିକେ ସନ୍ତୁଳା କରିବ ମା' ବୋଲି କହି ଚା' ଟିକେ ପାଇଁ ଅନାଇ ବସେ । ବାପା ତ ପ୍ରାୟ ଘରେ ବସିବା ଲୋକ ନୁହନ୍ତି, ଆମେ ପିଲାମାନେ କେବେ ବୁଝି ଜାଣିବାକୁ ଚେଷ୍ଟା କରି ନଥିଲୁ ଯେ ବୁଢ଼ାର ପରିଚୟ କଣ ଓ ସେ କେଉଁ ଗାଆଁର ବୋଲି । ବରଂ କେବେ କେବେ ପଛରୁ ଖତେଇ ହୋଇ ଡିଆଁ ମାରୁଥିଲୁ ଦାଣ୍ଡ ଅଥବା ବାରି ପଟକୁ ।

ଅସଲ କଥା ହେଲା ବୁଢ଼ା କୋଉ ଦି ମାସରେ ଥରେ ଆସେ ଆମ ଗାଁକୁ ଭିକ୍ଷାବୃତ୍ତି ପାଇଁ ପାଂଚ ସାତ କୋଷ ଦୂରରୁ । କେମିତି କେଜାଣି ମୋ ବାପାଙ୍କ ସହିତ ଏମିତି ଏକ ସ୍ନେହ ଶ୍ରଦ୍ଧାରେ ବାନ୍ଧି ହୋଇ ଆମ ଘରର ଆତିଥ୍ୟ ଟିକେ ପାଇଁ ଭାରି ଆଗ୍ରହି । ନିତ୍ୟ କର୍ମ ସାରି ଚନ୍ଦନ ତିଳକ ଆଦି ହୁଅନ୍ତି, ବର୍ଣ୍ଣରେ ବ୍ରାହ୍ମଣ ଯେଣୁ । ଅଳ୍ପ କେତେକ ଘର ବୁଲି ଭିକ୍ଷା ଗ୍ରହଣ କରନ୍ତି ଅଥବା ବାପା ଦେଖା ହୋଇଗଲେ ମଠ ମନ୍ଦିର ଆଡ଼େ ଚାଲି ଯାଆନ୍ତି । ହଁ, ଭୋଜନ ଆଉ ବିଶ୍ରାମ ଆମରି ଘରେ । ବାପା ମଧୁମେହରେ ପୀଡ଼ିତ ଥିଲେ, ତେଣୁ ଖିଆପିଆରେ ବିଶେଷ ଧାନ । ଆଉ ତ ଆଉ କବିରାଜୀ ଔଷଧି ପତ୍ର ତଥା ଚେରମୂଳୀ ଅବଲେହ ଓ ମୋଦକରେ ଘର ସାରା ଖାଲି ମହକି ଉଠେ । କେବେ କେବେ ଆମେ ପିଲାମାନେ ବୁଢ଼ାଙ୍କ ପାଖରେ ବସି ପୁରାଣ ବର୍ଣ୍ଣିତ ଋଚିକର ଗପମାନ ଶୁଣୁ । ଆଉ ଉପରବେଳା ହେଲେ ବୁଢ଼ା ଚାଲି ଯାଆନ୍ତି ।

ଆଜି କାହିଁକି ଏତେ ପୁରୁଣା କଥା ସବୁ ଜଳ ଜଳ ହୋଇ ଭାସି ଉଠୁଛି ମୋ ଆଖି ଆଗରେ ସିନେମା ଜଗତର ଚିତ୍ରକଥା ପରି । ସ୍କୁଲରେ ପୂଜା ସାରି ସେବର୍ଷ ଗଣେଶ ଚତୁର୍ଥୀ ଦିନ ଆମେ ସବୁ ଡେରିରେ ଫେରିଥାଉ ଘରକୁ । ବଡ଼ନାନୀ ବି ଆସିଥିଲା ବାପାଙ୍କୁ ଦେଖିବାକୁ । ବାପା କେବେ କଣ ଆପତ୍ତି କରି ଦେଇଥିଲେ ଯେ ବଡ଼ଭାଇ ରାଗିକି କଥାବାର୍ତ୍ତା ହେଉ ନଥିଲେ ବାପାଙ୍କ ସହିତ । ସିଏ ଖାଇ ବସିଥିଲା ବେଳେ ବାପା ହଠାତ୍ ଡାକ ପକାଇଲେ ତାଙ୍କର ଶୋଇବା ଘରୁ । ନଶୁଣିବା ପରି ଖାଇ ଚାଲିଥିବା ଭାଇଙ୍କୁ ନାନୀ ବାଧ୍ୟ କରି ପଠାଇଲା ଶୁଣି ଆସିବାକୁ । ବାପା ତାଙ୍କ ପାଦ ଚିପିବାକୁ କହିଥିଲେ ଏବଂ ବଡ଼ଭାଇ ତାହା କରୁଥିବା ବେଳେ ଜମିବାଡ଼ି ବିଷୟରେ ବାପା କିଛି କଥା ସବୁ କହୁଥିବା ମୁଁ ଶୁଣିଛି । ଆମେ ସାନପୁଅ ମାନେ ଥାଉଁ ଥାଉଁ ବଡ଼ଭାଇନା ପାଦ ଚିପିବା ଓ ବାପାଙ୍କ କଥାରୁ ନାନୀ କଣ ବୁଝିଲା କେଜାଣି ଶୀଘ୍ର ଆସି ଭାଇନାଙ୍କୁ ଚାପୁଡ଼ାଏ ମାରି ବାପା ଆଉ ରହିବେନିରେ ବୋଲି କହି କାନ୍ଦ ବୋବାଳି ଆରମ୍ଭ କରିଦେଲା । ସଙ୍ଗେ ସଙ୍ଗେ କକାମାନଙ୍କୁ ଓ ଭିଣୋଇ ମାନଙ୍କୁ ଡକରା ପଠାଗଲା, ବ୍ରାହ୍ମଣମାନେ ଆସି ଭାଗବତ ପଢ଼ିଲେ । ଆମେ ସାନପୁଅମାନେ କିଛି ନବୁଝି ସ୍ଥାଣୁ ହୋଇଗଲୁ । ବାପା କିନ୍ତୁ ଏବେ ମରିବିନି କାନ୍ଦ ନାହିଁ ବୋଲି କହୁଥିଲେ । କିଛି ସମୟ ପରେ ସଂଗାତ ବାପା ପହଂଚିଲେ ଏବଂ କହିଲେ-- ପିଲାମାନଙ୍କୁ ସତକଥା କହି ଦେଉନ

ସଂଗାତେ, କାହିଁକି ସଂଶୟରେ ରଖୁଛ ? ବାସ୍ ଆକାଶ ଫାଟିଗଲା ଯେମିତି, ଦାନପାଣିର ବନ୍ଦୋବସ୍ତ କର ବୋଲି ବାପା ନିଜେ କହିଦେଲେ । ଶେଷସ୍ନାନ, ଗୋଦାନ, ନିର୍ମାଲ୍ୟ, ଗଙ୍ଗାଜଳ, ମହାପୁରାଣ ଓ ଚନ୍ଦନ ତିଳକାଦି ସହ ନବୀନ ବସ୍ତ୍ର ପରିଧାନ ପ୍ରଭୃତି କାର୍ଯ୍ୟକ୍ରମ ଭିତରେ ଆମେ ଜଣେ ଜଣେ ଯାଇ ମୁଣ୍ଡିଆ ମାରୁଥିଲୁ ମୁକ ହତବାକ୍ ଭାବରେ । କନ୍ଦାକଟା ଚାଲିଥିବା ବେଳେ ଦାଣ୍ଡରେ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା ଆଉ ଆମ ସମସ୍ତଙ୍କୁ ଛାଡ଼ି ବାପା ମହାପ୍ରୟାଣକୁ ଚାଲିଗଲେ ।

କିଛି ଦିନର ବ୍ୟବଧାନ ରେ ବୁଢ଼ାଟା ପୁଣି ଆସିଥିଲା ସେହି ଚିରାଚରିତ ଢଙ୍ଗରେ ବାଡ଼ି ପୁଟଳି ଧରି କଠାଉ ପିନ୍ଧି । ଆଉ ଆଜ୍ଞା ଆପଣେ ଅଛନ୍ତି... ବୋଲି ଡାକ ଛାଡ଼ି ଠକ୍ ଠକ୍ କଠାଉ ଶବ୍ଦ କରି ପଶିଗଲା ଘର ଅଗଣାକୁ । ବୋଉ ପୂର୍ବଭଳି ପିଢ଼ାଟିଏ ଧରି ଆସିବା ବେଳକୁ ବୁଢ଼ା ଭୋ ଭୋ କରି କାନ୍ଦ ଛାଡ଼ିଲା । ବୋଉକୁ ବିଧବା ବସ୍ତ୍ରରେ ଦେଖି ବାହୁନି ହୋଇ ଏତେ ଲୁହ ଢାଳିଗଲା ଯେ ମନେ ହୁଏ ଆମେ ପୁଅମାନେ ସେତେ କାନ୍ଦି ନାହୁଁ ବାପା ଙ୍କୁ ହରେଇ । ତା ପରଠାରୁ ସିଏ କେବେ ବି ଆଉଥରେ ଆସି ନାହାନ୍ତି ଆମ ଗାଆଁକୁ । ହେଲେ ଦିନେ ବାପାଙ୍କ ମେଜରୁ କିଛି ଦସ୍ତାବିଜ ଓ କାଗଜପତ୍ର ଘାଂଟୁ ଘାଂଟୁ ବଡ଼ଭାଇଙ୍କୁ ଏକ ମହତ୍ତ୍ୱପୂର୍ଣ୍ଣ ଲେଖା ପ୍ରାପ୍ତ ହେଲା, ଯେଉଁଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା କି ଅମୁକ ବର୍ଷ ଭାଦ୍ରବ ଶୁକ୍ଲପକ୍ଷ ଚତୁର୍ଥୀ ଦିନ ଅମୁକ ଦଣ୍ଡ ଲିତା ସମୟରେ "ତୀର୍ଥ ସମନ ଯୋଗ" ।

ଘର ନଂ-ଏଫ୍-୧୩, ସେକ୍ଟର-୪, ରାଉରକେଲା-୨



# ମାତୃଭାଷା ମୋ ପରିଚୟ

- ମାନସ ରଞ୍ଜନ ପଟ୍ଟନାୟକ

ସାହିତ୍ୟ ଯାହାର ଅର୍ଥ ମାତୃଭାଷା, ସେ ସମସ୍ତଙ୍କ ପାଇଁ ମାତୃ ସଦୃଶ ପ୍ରତୀୟମାନ । ଆମେ ଯେଉଁଠି ରହିଲେ ମଧ ଯେଉଁ ପ୍ରାନ୍ତରରେ ବାସ କଲେ ମଧ ଆମେ ଆମ ମା'କୁ ଯେପରି ଭୁଲି ନଥାଉ ଠିକ୍ ସେପରି ମାତୃଭାଷାକୁ ଆମେ ସର୍ବଦା ଉଚ୍ଚରେ ରଖିବା ସେଥିପାଇଁ ଧାଡ଼ିଏ ଗାଇଗଲେ କବି ଉଚ୍ଚହେବା ପାଇଁ ଯେବେ କର ଆଶା ଉଚ୍ଚ କର ଆଗ ନିଜ ମାତୃଭାଷା । ସେହି ସ୍ୱଭାବ କବିଙ୍କ ଭାଷାରେ ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମୀ ନାହିଁ । ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ? କଣ ପାଇଁ ଦୁର୍ବଳ ହୋଇ ଆସୁଛି ଆମ ଭାଷା ? କଣ ପାଇଁ ରଚନା ହୋଇ ପାରୁନି କାଳଜୟୀ କାବ୍ୟ କବିତା ? ବିଭିନ୍ନ ପ୍ରକାର ପର୍ବ ଦେଇ ଆମ ଓଡ଼ିଆ ସାହିତ୍ୟ ଗତିଶୀଳ ତଥାପି ଲୋକାଦୃତ ହେବାରୁ ବଂଚିତ ବର୍ତ୍ତମାନ ପିଢ଼ୀର ସାହିତ୍ୟିକ/ ସାହିତ୍ୟିକା ମାନଙ୍କ ଗ୍ରନ୍ଥ । କେବଳ ଯେନତେନ ପ୍ରକାରେ କବିତା ଲେଖିଦେଲେ କବି ବନିଯିବା ? କିଛି ଧାଡ଼ି ଲେଖିଦେଲେ ଯେ ଗାଳ୍ପିକ ହୋଇଯିବା ? ଏହାର ଉଚିତ ବିଶ୍ଳେଷଣ ଆବଶ୍ୟକ ପାଠକୀୟ ମହଲରେ । ଶ୍ରଦ୍ଧା ଓ ସ୍ନେହରୁ ବଂଚିତ ରହୁଛି ବର୍ତ୍ତମାନ ଆମ ସାହିତ୍ୟ, କେବଳ ସାହିତ୍ୟ ଅନୁଷ୍ଠାନ ଗୁଡ଼ିକ ଗଢ଼ି ଦେଇ କବିତା ଆସର ମାଧମରେ ସାହିତ୍ୟର ଦିଗକୁ ସଂକୀର୍ଣ୍ଣ କରି ଦେବାଟା ଠିକ୍ ହେବନି ବରଂ ନୂତନ ସାରସ୍ୱତ ପୀଢ଼ିକୁ ଖୋଜି ହେବାର ସମୟ ଉପନୀତ । ଉତ୍ତମ ଉତ୍ତର ଅତ୍ୟାଧୁନିକ କବିତା ଲିଖନ ପ୍ରଣାଳୀରେ ବାଧା ନ ଆସୁ ସତ, ବାଧକ ନହେଉ ପାଠକୀୟ ମୂଲ୍ୟବୋଧ । ପାଠକୀୟ ମହଲର ମନସ୍ତାପକୁ ସ୍ୱୀକୃତି ଦେବାକୁ ପଡ଼ିବ କବି ଲେଖକ ମଣ୍ଡଳୀକୁ । ଆଗକୁ ଆଗକୁ ବଢ଼ିବାର ଅଭିପ୍ସାରେ କ୍ଷିପ୍ର ବେଗରେ ଚଳଚଂଚଳ ନ ହୋଇ ନିଜର ଲେଖନୀର ତାରତମ୍ୟର ମୂଲ୍ୟାଙ୍କନ ଆବିଷ୍କାର କରିବା ଉଚିତ ହେବ ଅତ୍ୟାଧୁନିକ ସାହିତ୍ୟ ରଚନାରେ ନିମଗ୍ନ ଥିବା ସ୍ରଷ୍ଟାଗଣ । ଦିନ ଥିଲା ଗାଁର ମାଇପି ଲୋକଠାରୁ ପୁରୁଷ ଲୋକ ପର୍ଯ୍ୟନ୍ତ ସାହିତ୍ୟ ପଠନ ପ୍ରତି ଏକ ବିଶେଷ ଅନୁରାଗ ରଖୁଥିଲେ । ପଇସା ସଂଚିତ କରି ଦୋକାନରୁ ପୁସ୍ତକ କ୍ରୟ କରୁଥିଲେ । ଆତ୍ମତୃପ୍ତି ମିଳୁଥିଲା ତାଙ୍କୁ । ମନରଞ୍ଜନର ଯଥେଷ୍ଟ ଖୋରାକ୍ ଯୋଗାଉଥିଲା ତାଙ୍କର ମାନସୀକତାକୁ । ଉପନ୍ୟାସ, ନାଟକ, ଗୀତିନାଟ୍ୟ, ଗପ ଓ କାବ୍ୟ କବିତା ପଢ଼ି ଢେର ଆନନ୍ଦ ପ୍ରାପ୍ତ ହେଉଥିଲେ । ଆଜିର ଦୁନିଆ ବଦଳିଯାଇଛି ଆଧୁନିକ ବାତାବରଣ ସ୍ପର୍ଶରେ । ଚକଚାକ୍ୟ ଶୈଳୀର ରଙ୍ଗାୟୀତ ଆମ ଜୀବନ । ଶଗଡ଼ ଗାଡ଼ିର କେଁ କଟର ଶବ୍ଦରେ କ୍ଷେତରୁ କଳେଇ ବୁହାଯାଉନି । ଯୋଗୀର କେନ୍ଦେରା ବଜା ଗୀତ ଶୁଭୁନି । ମୁଣ୍ଡ ପୋତା କେଳାର ଚାଙ୍ଗୁ, ଧୁଡୁକୀ ବାଦ୍ୟଯନ୍ତ୍ର ବିଲୋପ । ଗାଁ ର ଚାଷୀ ଶସ୍ୟ ଅମଳ ବେଳେ ଲୋକଗୀତ ବୋଲୁନି । ବୈଜ୍ଞାନିକ ଯନ୍ତ୍ର ଶସ୍ୟ ଗୁଡ଼ିକୁ ଖୁବ୍ ଶୀଘ୍ର ଅମଳ କରିପାରୁଛି । ଗାଁ ଦାଣ୍ଡରେ ପାଲା, ଦାସକାଠୀ, ଘୋଡ଼ାନାଚ, ଚଢ଼େଇ ଚଢ଼େୟା ନାଚ ବିଲୁପ୍ତ ଅବସ୍ଥାରେ ଦଣ୍ଡାୟମାନ । ଯେଉଁ ଲୋକକଳା ସଂସ୍କୃତି ଆମ ଓଡ଼ିଆ ମାତୃଭାଷାର ମାନଦଣ୍ଡ ଥିଲା ସେଇଗୁଡ଼ିକ ନିଚ୍ଛିନ୍ନ ହେବାକୁ ବସିଛି ଆମ ସ୍ମୃତି ପଟରୁ । ଦିନ ଆସି ଆଗତ, କେବଳ ଯନ୍ତ୍ର ଚାଳିତ ପଦ୍ଧତି ଯୁଗରେ ମାନବ ସମାଜ ଗତି କରି ଆସୁଛି । କମ୍ପ୍ୟୁଟର, ଇଂଟରନେଟ୍ ଯୁଗରେ ସାହିତ୍ୟ ପ୍ରଭାବ ବିସ୍ତାର କରିସାରିଲାଣି । ମୋବାଇଲ ସ୍ମାର୍ଟ ଫୋନ୍ ଜରିଆରେ କବିତା ଲେଖି, ଗପ ଲେଖି ଓ ସାହିତ୍ୟ ଆଧାରିତ ତଥ୍ୟର ଦିଅଣ ନିଅଣର ଏକ ସୁବନ୍ଦୋବସ୍ତ ହୋଇପାରିଛି । ପରସ୍ପର ଲେଖକ/ ଲେଖିକାଙ୍କ ଲେଖାଟିକୁ ଅନ୍ୟ ଲେଖକ, ଲେଖିକା ତଥା ପାଠକ / ପାଠିକା ବୃନ୍ଦ ପଢ଼ିପାରିବାର ସହଜ, ଉତ୍ତମ ପନ୍ଥା ନିର୍ଣ୍ଣୟ ହୋଇଛି । ଫେସବୁକ, ହ୍ୱାଟ୍ସଅପ୍ ଆପ୍ଲିକେସନ୍ ଦ୍ୱାରା

ବହୁଳ ପରିମାଣରେ ବିଭିନ୍ନ ସାହିତ୍ୟ ସମୃଦ୍ଧିତ ତଥ୍ୟକୁ ଡାଉନଲୋଡ଼୍ କରି ସେୟାର କରିପାରୁଛି ପବ୍ଲିକ ମାନଙ୍କୁ । ଯାହା ଏକ ସୁନ୍ଦର ପ୍ରସାରିତ ମାଧ୍ୟମ ଅଟେ । କିନ୍ତୁ ମାତୃଭାଷା ସର୍ବଦା ବାସ୍ତବବାଦରେ ବାନ୍ଧି ହୋଇଥାଏ । ଈଶ୍ୱର ଯେପରି ଭାବ ଡୋରିରେ ବନ୍ଧା ପଡ଼ନ୍ତି ଠିକ୍ ସେପରି ପାଠକୀୟ ଆଗ୍ରହ, ରୁଚି ଦ୍ୱାରା ସାହିତ୍ୟ କ୍ରମଶଃ ବଳୀଷ୍ଠ ପ୍ରମାଣିତ ହୁଏ ।

କିଛି ମାତ୍ରାରେ ଲେଖକ/ ଲେଖିକା କେବଳ ନିଜର ଯଶ, ଖ୍ୟାତି ପାଇଁ ଚେଷ୍ଟିତ ରହିବା ପ୍ରାୟ ଅନୁଭୂତି । କିପରି ଶ୍ରଦ୍ଧା, ସମ୍ମାନ, ମାନପତ୍ର, ଉପଢୌକନ, ଫୁଲତୋଡ଼ା ଆଦି ସାହିତ୍ୟ ଅନୁଷ୍ଠାନରୁ ପ୍ରାପ୍ତ କରିହେବ ସେ ବାବଦରେ ଅଧିକ ଯତ୍ନବାନ କିନ୍ତୁ ସେମାନେ ଲେଖିଥିବା ବା ଲେଖୁଥିବା ସାହିତ୍ୟ କିପରି ଲୋକଲୋଚନରେ ଆଦୃତ ହୋଇ ପାଠକୀୟ ସ୍ୱୀକୃତି ମିଳିବ କିମ୍ବା ତାଙ୍କ ଦ୍ୱାରା ସୃଷ୍ଟି ପୁସ୍ତକର ମୂଲ୍ୟାଙ୍କନ ହେବ ସାଧାରଣ ଜନତାଙ୍କ ଓଠରେ ଯଦି ସେ ସଂକ୍ରାନ୍ତରେ କିଛି ଉଦ୍ୟମ କରାଯାଇପାରନ୍ତା ନିଶ୍ଚୟ ବଳିଷ୍ଠ ଗ୍ରନ୍ଥ , ଉଚିତ ସାହିତ୍ୟ ଲୋକଲୋଚନରେ କାୟା ବିସ୍ତାରି ତୁଳନାତ୍ମକ ଢଙ୍ଗରେ ବିଶ୍ଳେଷଣ ହୋଇ ମାର୍ଗ ନିର୍ଣ୍ଣୟ ହୋଇ ପାରନ୍ତା ଲେଖକ, ଲେଖିକା ଲେଖିଥିବା ସାହିତ୍ୟ ପୁସ୍ତକ ଓ ଗ୍ରନ୍ଥର । ସଦାସର୍ବଦା ନିଜର ଆତ୍ମବଡ଼ିମାକୁ ଦର୍ଶାଇବା ଚିନ୍ତାରେ ଅନ୍ତର୍ନିହିତ ରହିବା ସ୍ରଷ୍ଟାମାନଙ୍କ ମନହୃଦୟରେ, ତାହାର କ୍ରିୟାତ୍ମକ ପ୍ରତିଫଳନ ବିଚ୍ଛୁରିତ ସଦାସର୍ବଦା ସାରସ୍ୱତ ମହଲରେ । ଫଳରେ ଉନ୍ନତ ସାହିତ୍ୟ ନିଚ୍ଛିନ୍ନ ହୋଇଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ବଳ ପ୍ରୟୋଗ ଦ୍ୱାରା ଆମ ଭାଷା ବଂଚିବା କଷ୍ଟ ହେବ । ଯେଉଁ ଓଡ଼ିଆ ଭାଷା ସର୍ବପ୍ରାଚୀନ ଓ ସଂସ୍କୃତି ଭାଷା ଉତ୍ପତ୍ତିର ସମକାଳୀନ ଭାବେ ଚର୍ଚ୍ଚା ଜୋରଧରେ, ସେହି ଭାଷା ପ୍ରତି ଆମ ଓଡ଼ିଆଙ୍କ ବୈରାଗ୍ୟ କଣ ପାଇଁ ? ସିଦ୍ଧେଶ୍ୱର ପରିଡ଼ାଙ୍କ ମହାଭାରତ, ଚଣ୍ଡିପୁରାଣ ତଥା ବଳରାମ ଦାସଙ୍କ ବିଲଙ୍କା ରାମାୟଣ, ଅଚ୍ୟୁତାନନ୍ଦ ଦାସଙ୍କ ମାଳିକା, ନିତ୍ୟରାସ ଓ ହରିବଂଶ ପ୍ରଭୃତି ଗ୍ରନ୍ଥ ଯଦି ବସା ବାନ୍ଧିଛି କୋଟି କୋଟି ଓଡ଼ିଆଙ୍କ ହୃଦ କନ୍ଦରରେ ତେବେ ଆମର ନିରୁତ୍ସାହ ହେବା ଆବଶ୍ୟକ ନାହିଁ । କେବଳ କିଛି ପ୍ରଚେଷ୍ଟା ଓ ଉଦ୍ୟମର ଆବଶ୍ୟକ ଅଛି । ସେ ସମୟ ଆଗତପ୍ରାୟ ବର୍ତ୍ତମାନ ସମୟରେ ଲେଖକ/ ଲେଖିକାଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ନିଜ ଲେଖାର ପ୍ରଚାର ପ୍ରସାର ପାଇଁ ବୈଜ୍ଞାନିକ ଯନ୍ତାଂଶ ଅନେକ ସୁବିଧା ସୁଯୋଗ ଯୋଗାଉଛି । ତଥାପି ସାହିତ୍ୟ ପ୍ରତି ଅନୁରାଗ ହ୍ରାସ ହେବାର କାରଣ ବାବଦରେ ଯେଉଁ ଚର୍ଚ୍ଚା ହେଉଛି ଅନୁଷ୍ଠାନ ମାନଙ୍କରେ ଯାହାର ସମୀକ୍ଷା ସହ ଦୃଢ଼ ନିରପେକ୍ଷ ବିଚାର ହେବାର ସମୟ ଆଗତ ବୁଦ୍ଧିଜୀବୀ ତଥା ସାରସ୍ୱତ ମହଲରେ । ତେବେ ପ୍ରକୃଷ୍ଟ ରହସ୍ୟ ଆସିପାରିବ । ପ୍ରକାରନ୍ତରେ ରହସ୍ୟ କ'ଣ ? ସେହି ରହସ୍ୟକୁ ଭେଦ କରିବାର ବେଳ ଆସିଛି ଏହି ନୂତନ ପୀଢ଼ିର ସାହିତ୍ୟିକ, ସାହିତ୍ୟିକା ମାନଙ୍କ ପାଇଁ । ଅଭିମନ୍ୟୁ ସାଜି ସେହି ଚକ୍ରବ୍ୟୁହକୁ ଭେଦ କରି ନିର୍ଯ୍ୟାସ କାଢ଼ିବାର ଦକ୍ଷତା ପ୍ରତିପାଦନ କରନ୍ତୁ ନୂତନ ପୀଢ଼ିର ସାରସ୍ୱତ ବନ୍ଧୁଗଣ । ଏକ କାଳଜୟୀ ରହସ୍ୟ ହାତଠାରି ଡାକୁଛି ଆପଣମାନଙ୍କୁ । ପଙ୍କିଳ ପରିବେଶରୁ ଉଦ୍ଧାର ହେବା ପାଇଁ ଚିତ୍କାର କରୁଛି ଆମ ମାତୃଭାଷା, ରୋଦନ କରୁଛି ଆମ ସାହିତ୍ୟ । ସାରସ୍ୱତ ସ୍ରଷ୍ଟାଙ୍କର ପରସ୍ପର ବିବାଦରେ ବନ୍ଧା ନପଡ଼ୁ ଆମ ଭାଷା । ରୀତି ଯୁଗୀୟ ମହକରେ ମହକିତ ଆମ ସଂସ୍କୃତି । ବେଶ, ପୋଷାକ, ଚାଲିଚଳଣୀର ଅତ୍ୟାଧୁନିକତା କେବେ ସ୍ପର୍ଶ କରିପାରିବ ନାହିଁ ଆମ ମାତୃଭାଷାକୁ ଯୁଗେ ଯୁଗେ । ଆଧୁନିକ ପ୍ରଣାଳୀରେ ସମସ୍ତ କାର୍ଯ୍ୟ କରାଯାଇପାରେ ସତ କିନ୍ତୁ ଜୋର ଜବରଦସ୍ତି ନିଜର ହୀନମନ୍ୟତାର ପ୍ରଭାବ ବିସ୍ତାରକରି କାବ୍ୟ, କବିତା, ଗପ, ପ୍ରବନ୍ଧ ଇତ୍ୟାଦିକୁ ଯୁଗପଯୋଗୀ କରିବାର ପ୍ରଚେଷ୍ଟା କେବଳ ଦୃଷ୍ଟତା ସମ ପ୍ରତିପାଦନ ଓ ଅବଲୋକନ ହେବ । ଆମ ପରିଚୟ ଅଟେ ଆମ ମାତୃଭାଷା । ଆସନ୍ତୁ ଏକ ସ୍ୱରରେ ମିଳିମିଶି କହିବା ଆମ ମାତୃଭାଷା ହେବ ମୋ ପରିଚୟ ପାଠକୀୟ ମୂଲ୍ୟବୋଧରେ ।

ନିମବସନ୍ତ, ହରିରାଜପୁର, ଜଟଣୀ, ପୁରୀ-୭୫୨୦୫୦

# ଧୋକା

**- ଗୀତାଞ୍ଜଳି ନାୟକ**

ଗୁରେଇ ର ଦେହଟା ଟିକେ ଭଲ ନଥିଲା । ନଟିଆ ଧୋବା ଲୁଗା ଗଣ୍ଠିଲିକୁ ଧରି ଏକୁଟିଆ ବାହାରି ଗଲା ନଦୀକୁ । ଲୁଗାତକ ନ କାଚିଲେ ନ ଚଳେ । କାଲି ପୁଣି ଗୁରେଇ ପାଇଁ ଟିକେ ଓଷଦ ନ ଆଣିଲେ ହବନି । ଜରଟା କାଇଁ କମୁନି । ନଦୀ ପଥରରେ ଲୁଗାତକ ବାଡ଼େଇ, ବାଡ଼େଇ ସଫା କରି, ଗଣ୍ଠିଲି ଟି ଧରି ଖରାରେ ଝାଳ, ନାଳ ହେଇ ଘରକୁ ଫେରିଲା । ଗୁରେଇ, ଗୁରେଇ ଲୋ ଡାକି, ଡାକି ଘର ଭିତରକୁ ଗଲା । ଗୁରେଇ ପାଖକୁ ଯାଇ ଦେଖିଲା ଜରରେ ଦେହ ଖଇ ଫୁଟୁଥାଏ । ଆଉ ଗୁରେଇ ବେହୋସ୍ ହେଇ ପଡ଼ିଛି । ଲୁଗାତକ ଶୁଖେଇବ କ'ଣ ? ଦୁଇ ଦିନର ବାସୀ ତୋରାଣି ଅଧକଂସେ ପିଇଦେଇ ନଈକୁ ଯାଇଥିଲା । ଗୁରେଇ ଦୁଇଦିନ ତଳେ ଯୋଉ ଭାତ ରାନ୍ଧି ଥିଲା ଭାତ ସବୁ ସରି ଯାଇଛି । ତୋରାଣୀ ବି ଆଉ ନାହିଁ । ବଇଦ ପାଖକୁ ସେଇ ଖରାରେ ଧାଇଁଲା । ଗୋଡ଼ ଦୁଇଟା ତାତି କି ଫୋଟକା ବାହାରି ଗଲାଣି । ବଇଦକୁ ସବୁ କଥା କହି ଓଷଦ ଆଣିଲା । ପାଖରେ ଆଠେଣି ଟିଏ ବି ନାହିଁ । ବଇଦକୁ କଣ ପଇସା ଦବ ଏବଂ କଣ କହିବ ଭାବୁଥାଏ । ବଇଦ ନଟିଆ କୁ ଦେଖି ଜାଣିଦେଲେ । କହିଲେ ହଉ ଯା ତୋ ପାଖରେ ପଇସା ହେଲେ ତୁ କଣ ମୋତେ ଦେବୁନି ? ଆଗ ଗୁରେଇକୁ ଯା ଔଷଧ ଦେଇ ଦେବୁ । କଣ ଭାବୁଛୁ ? ପଇସା କଥା ଚିନ୍ତା କରନା, ତୁ ପଇସା ଦେଇ ନ ପାରିଲେ ଲୁଗା ଦିଖଣ୍ଡ ନେଇ କାଚି ଦେଲେ ହବନି ? ଯା... ନଟିଆ ଧୋବା ଏକା ନିଶ୍ୱାସରେ ଘରକୁ ଧାଇଁଲା । ଘରେ ପହଂଚି ଗୁରେଇ କୁ ଉଠେଇ ଔଷଧ ଖୁଏଇଲା । ଧିରେ ଧିରେ ଗୁରେଇ ର ଦେହରୁ ଜର ଟିକେ କମିଲା । ଏମିତି ଦୁହେଁ ଦୁହିଁଙ୍କୁ ବହୁତ ଭଲ ପାଆନ୍ତି । ତା ଦେହ ଭଲ ନଥିଲେ ଆଉ ଜଣଙ୍କ ଆଖିକୁ ନିଦ ଆସେନି । ଜଣଙ୍କ ମନ ଦୁଃଖି ହେଇଗଲେ ଆଉ ଜଣଙ୍କ ଆଖି ଜକେଇ ଆସେ । ଧନ ନଥିଲେ କଣ ହେଲା ଦୁହେଁ ଦୁହିଁଙ୍କ ର ଅମୂଲ୍ୟ ସମ୍ପଦ ଥିଲେ । ନଇଁଲା ଚାଳ ଘରଟି ରେ ହସ ଖୁସିରେ କଥା ହେଉ ଥିବେ । କାହିଁ କୋଉ ରାଜ ପ୍ରସାଦର ରାଜା ରାଣୀ ବି ଏମିତି ନଥିବେ । ପଖାଳ କଂସାକ ଯେତେ ବେଳେ ସାଙ୍ଗ ହେଇ ଖାଉଥିବେ ସତେ ପଖାଳ ନୁହେଁ ତ ସ୍ୱର୍ଗର ଅମୃତ ଖାଇବା ପରି ମନେ ହୁଏ । ଚିରା ଶାଢ଼ୀ ଟା ଗୁରେଇ ର ହସ, ହସ ମୁହଁ ପାଖରେ ହାରିଯାଏ । ମୁହଁ ଟାକୁ ଦେଖିଦେଲେ ପେଟ ପୁରିଯାଏ ନଟିଆର । ସାତ ସିଂଆ ଲୁଗାରେ ଯେମିତି ପରି ଭଳିଆ ଲାଗେ । ଏମିତି ଦୁହେଁ ସ୍ନେହ, ଆଦର ବାଂଟି କୁଂଟି ଚଳି ଯାଆନ୍ତି । ଏତେ ଭଲ ପାଇବା ଭିତରେ ବାହାଘର ୧୦ ବର୍ଷ ହୋଇଗଲାଣି । କିନ୍ତୁ ତାଙ୍କୁ ଲାଗେ ଯେମିତି ୧୦ ଦିନ ହେବ ବାହାଘର ହେଇଛି । ସେଇ କୂଳ ବେଉସାକୁ ଆପଣାର କରି ଦିନ ଗୁଡ଼ିକ ସୁଖ । ଶାନ୍ତିରେ କୁଆଡ଼େ କଟିଯାଏ ।

ପାହାଡ଼ ସେପାରିରୁ ଫେରୁଥିବା ପକ୍ଷୀଙ୍କ ଡେଣା ରେ ସଞ୍ଜ ଓହ୍ଲାଉ ଥାଏ । ଗାଈ ଗୋଠରୁ ରଘୁଆ ଗଉଡ଼ର ଗାଈ ହମ୍ବା ରଡ଼ି ଛାଡ଼ି, ଛାଡ଼ି ବିକଳରେ ତା ବାଛୁରି ପାଖକୁ ଧାଇଁ ଯାଇ ଆଗ ବାଛୁରିଟିକୁ କେତେ ଗେଲ କରି ଚାଟି ପକଉ ଥାଏ । ତା ପରେ ବାଛୁରି ଟିକୁ ତା ପହ୍ନାରୁ କ୍ଷୀର ପେଟେ ପିଆଇ ଦେଇ । ଯେମିତି କୋଉ ଯୁଗରୁ ଦେଖି ନ ଥିଲା । ଗୁରେଇ ସଫା ଲୁଗା ଧରି ବାହାରି ଥାଏ । ଘର ମାନଙ୍କରେ ଦେବା ପାଇଁ । ଗାଈ ବାଛୁରି ଙ୍କର ଏଇ ଅମାପ ସ୍ନେହ ଦେଖି ତା ମନଟା ଟିକେ 'ମା'ର ମମତା ପାଇଁ ବ୍ୟାକୁଳ ହେଇଗଲା । କେଇଟା ମୂହୁର୍ତ୍ତ ଭାବନା ରେ ସେ ନିଜକୁ ହଜେଇ ଦେଲା । ଲୁଗାପଟା ସମସ୍ତଙ୍କ ଘରେ ଦେଇ । ଦେଇ

ଘରକୁ ଯାଇ ମନ ମାରି ବସିଥାଏ । ନଟିଆ ଯେତେ ଡାକିଲା ଜବାବ ନାହିଁ । ନଟିଆ ପାଖକୁ ଆସି ବହୁତ ବୁଝେଇଲା । ଗୁରେଇ କହିଲା, ଆମର ଗୋଟିଏ ପିଲା ଦରକାର । ନଟିଆ କହିଲା ଏଇ କଥା । ଆମେ ଏତେ ଖୁସି ଭିତରେ ପିଲାଟିଏ ପାଇଁ ଭୁଲି ଯାଇଥିଲୁ । ଯାହା ହେଉ ମନେ ପକେଇ ଦେଲୁ । କାଲି ସକାଳୁ ସହରକୁ ଯାଇ ଡାକ୍ତର ଦେଖେଇ ଆସିବା ତୁ ଜମା ମନ ଉଣା କରନି । ସକାଳୁ ଯାଇ ଡାକ୍ତର ଦେଖେଇଲେ । ଡାକ୍ତର ବାବୁ କହିଲେ ଗୁରେଇ ଯଦି 'ମା' ହୁଏ ତେବେ ତା ଜୀବନ ପ୍ରତି ବିପଦ ଅଛି । ନଟିଆ ବହୁତ ମନା କଲା । ତୋର କ'ଣ ହେଇଗଲେ ମୁଁ ବଂଚିପାରିବିନି ଲୋ ଗୁରେଇ । ଆମେ ଏମିତି ବହୁତ ଭଲ ଅଛୁ । ତୁ ଆଉ ପିଲାପିଲି ନାଁ ଜମା ଧରନା । ବହୁତ ବୁଝେଇ, ବୁଝେଇ ଥକି ଗଲା । ଗୁରେଇ ଓଲଟା ନଟିଆ କୁ କହିଲା । ଦେଖିବ ତମ ଆଦର ସ୍ନେହ ମୋତେ ତମ ଠାରୁ କେବେ ବି ଅଲଗା କରିପାରିବନି । ବ୍ୟସ୍ତ ହୁଅନି ମୋର କିଛି ହବନି । ମୁଁ ମଲେ ଗୋଟେ 'ମା' ହେଇକି ମରିବି । ନଟିଆ ବିଚରା ଆଉ କଣ ବା କରିବ ? କିଛି ଦିନ ପରେ ଗୁରେଇ ଗର୍ଭବତୀ ହେଲା । ଆଉ ଚାହୁଁ ଚାହୁଁ ୯ ମାସ ପୁରି ୧୦ ମାସ ଚାଲିଲା । ଯେତେ ଯେତେ ମାସ ବଢୁଥାଏ ନଟିଆ ଧୋବା ମନରେ କୋକୁଆ ଭୟ । ସେହିଦିନ ଆସିଲା । ତା ଗୁରେଇ ସୁନ୍ଦର ଗୁଲୁଗୁଲିଆ କଅଁଳିଆ ଝିଅ ଛୁଆଟିଏ ଜନ୍ମ ଦେଇ ଆଖି ବୁଜିଦେଲା । ଛୁଆଟିର କଅଁଳ ଓଠର କୁଆଁ କୁଆଁ କାନ୍ଦରେ ନଟିଆର କାନ୍ଦ ଫିଙ୍କା ପଡ଼ିଗଲା । ନିଜକୁ କିଏ ଆହା କରିବା ବଦଳରେ । ମନରେ ଅଜସ୍ର କୋହକୁ ଚାପି ଧରି, ଛୁଆଟିକୁ ଆହା କରି କୋଳକୁ ନେଲା । ସବୁ ବେଦନାକୁ ପଛରେ ପକେଇ ଝିଅଟି ପାଇଁ ମୋତେ ବଂଚିବାକୁ ପଡ଼ିବ । ତେଣୁ ନିଜ ମନକୁ ନିଜେ ବୁଝେଇ ଦମ୍ଭ ଧରି ଠିଆ ହେଲା । ଗୁରେଇ ପାଇଁ ଥିବା ସବୁ ଭଲ ପାଇବାକୁ ତା ଝିଅ ପାଇଁ ଠୁଳେଇ ଦେଲା । ସାଇର ଶନିଆ 'ମା' ଯେତେ କହିଲା, ବୁଝେଇଲା ନଟରେ ବାହା ହେଇଜା କେତେ ହଇରାଣ ହେବୁ । ତୋ ଜୀବନ ଆହୁରି କେତେ ଲମ୍ବା, ଏକୁଟିଆ ଏକୁଟିଆ ଏତେ ବଡ଼ ଦୁନିଆରେ ତୁ ବାଟ ଚାଲିବୁ କେମିତି ? ନଟିଆ ଧୋବା ସମସ୍ତଙ୍କୁ ମନା କରି ଦେଲା । ଶନିଆ 'ମା' ବୁଢ଼ୀକୁ ଛୁଆଟିକୁ ଜଗେଇ ଦେଇ ଲୁଗା କାଚିବାକୁ ଯାଏ । ଫେରିକି ତା ଝିଅର ଦେଖା ଶୁଣା କରେ । ଛୁଆଟିକୁ ଏମିତି ଯତ୍ନରେ ରଖିଥାଏ ଯେ କେହି କହିବେନି ତାର 'ମା' ନାହିଁ ବୋଲି । ଝିଅଟି ତାର ଚନ୍ଦ୍ରକଳା ପରି ବଢ଼ିବାରେ ଲାଗିଲା । ସୁନ୍ଦରକୁ, ପାଠପଢ଼ା କେହି ତାକୁ କହିବେନି ନଟିଆ ଧୋବାର ଝିଅ । କୋଉଥିରେ ତାର ଅଭାବ ରଖେନି । କୋଉ ଧନୀ ଘର ଝିଅ ଠାରୁ ସେ କମ୍ ରେ ରଖି ନଥିଲା । ଚାହୁଁ ଚାହୁଁ ତାର ଦଶମ କ୍ଲାସ ହେଲା । ବହି, ଖାତା, ଡ୍ରେସ୍ ସବୁ ଯୋଗେଇବା ପାଇଁ ନଟିଆ ଆହୁରି ଦୁଇ, ତିନି ଖଣ୍ଡ ଗାଁର ଲୁଗା ଆଣି କାଚେ । ଲୁଗା କାଚି କାଚି ସେ ତୁଠ ପଥର ସାଙ୍ଗରେ ନିଜେ ପଥର ଭଳି ଟାଣ ହେଇଯାଇଥାଏ । କାମ କଲା ବେଳେ ସେ ଭୋକ, ଶୋଷ ଭୁଲିଯାଏ । ପାଖ ଗାଁର ବିକ୍ରମ ସାଆନ୍ତ ଙ୍କ ଘରକୁ ଲୁଗା ପାଇଁ ଯାଇଥାଏ । ବିକ୍ରମ ସାଆନ୍ତେ କେବେ ଠାରୁ ରୋଗରେ ପଡ଼ିଥାନ୍ତି । ତାଙ୍କ ଠାରୁ ଲୁଗା ଆଣିକି ଆସିଲା । କଷ୍ଟେ ମଷ୍ଟେ ଝିଅଟିର ମ୍ୟାଟ୍ରିକ୍ ପାଠ ପଢ଼ା ସରିଗଲା । ଗାଁ ରେ ଏତେ ଭଲ କଲେଜ ନଥିଲା । ଝିଅ ସହରକୁ ଯିବ ପଢ଼ିବାକୁ । ଏତେ ପଇସା କୋଉଠୁ ଆଣିବ ? ଝିଅକୁ ତାର ସହର ରେ ନେଇ ପାଠ ପଢ଼ିବାକୁ ଛାଡ଼ି ଦେଇ ଆସିଲା । ଶନିଆ 'ମା' ପଚାରିଲା । ବାପରେ ତୁ ତ ଏଇ ଲୁଗା କାଚୁଛୁ ମୋ ରାଣ, କହିଲୁ ପୂର୍ଣ୍ଣିମା ପଢ଼ିବା ପାଇଁ କୋଉଠୁ ପଇସା ଆଣିଲୁ ? ଶନିଆ 'ମା' କୁ ନଟିଆ ଏ ପର୍ଯ୍ୟନ୍ତ କୌଣସି କଥା ଲୁଚେଇନି । କହିଲା ମାଉସୀ ଆର ଗାଁ ର ବିକ୍ରମ ସାଆନ୍ତେ ରୋଗରେ ପଡ଼ିଛନ୍ତି ଜାଣିଥିବୁ । ଶନିଆ 'ମା' କହିଲା ହଁ । ନଟିଆ କହିଲା ମୁଁ ତାଙ୍କୁ ରକ୍ତ ଦେଇ ପଇସା ଆଣି ଝିଅର ଆଡ଼ମିସନ୍ କଲି । ସତରେ ନଟିଆ ତୁ ମଣିଷ ନା ଦେବତା ? ମୁଁ ବୁଝି ପାରୁନି । ତୁ ତ ଭଲ କି ଖଣ୍ଡେ ଖାଉନୁ ଝିଅକୁ

ପଢ଼େଇବାକୁ ତିନି, ଚାରି ଖଣ୍ଡ ଗାଁର ଲୁଗା କାଚି କାଚି ତୋର ପ୍ରାଣ ଛାଡ଼ି ଯାଉଛି । ସେଥିରେ ପୁଣି ରକ୍ତ ଦେଉଛୁ । ତୁ ବଂଚିବୁ ତ ? ନାଇଁ ମାଉସୀ ମୁଁ ମୋ ଗୁରେଇ ର ସପନ କୁ ସତ କରିବି । ତା ଝିଅକୁ ସେ ସରଗ ରେ ଥାଇ ଦେଖିଲେ ଭାରି ଖୁସି ହେବ । ଆଉ ମୋ ପୂର୍ଣ୍ଣିମା ର କିଛି ବି ଅଭାବ ହବାକୁ ଦେବିନି । ଏମିତି ଚାହୁଁ ଚାହୁଁ ପୂର୍ଣ୍ଣିମା ର କଲେଜ ପାଠ ସରିଗଲା । ମେଡ଼ିକାଲ୍ ପଢ଼ିବା ପାଇଁ ତାର ବହୁତ ଇଚ୍ଛା ଥିଲା । ଶେଷରେ ମେଡ଼ିକାଲ ମଧ ପାଇଗଲା । ହେଲେ ନଟିଆ ସାଆନ୍ତଙ୍କ ଘରକୁ ଧାଇଁଲା । ରକ୍ତ ଦେଇ ପଇସା ଆଣିଲେ ଝିଅ ମୋର ଡାକ୍ତରାଣୀ ହେବ । ନଟିଆ ଧୋବା ମନରେ କେତେ ଆଶା, କେତେ ନୂଆ ନୂଆ ସ୍ୱପ୍ନ ବାଟସାରା ଉଙ୍କି ମାରୁଥାଏ । କେତେ ବେଳେ ସାଆନ୍ତଙ୍କ ଘରେ ଆସି ପହଂଚି ଗଲାଣି । ସାଆନ୍ତ ଘରେ କାନ୍ଦ ବୋବାଳି ପଡ଼ିଛି । ମନେ ମନେ ଭାବିଲା ସାଆନ୍ତେ କଣ ଚାଲିଗଲେ ନା କଣ ? ମନଟା ଟିକେ ମରିଗଲା । ପାଖକୁ ଯାଇ ପଚାରିଲା ତାଙ୍କ ଚାକର କହିଲା ସାଆନ୍ତ ଙ୍କର ଦୁଇଟା ଯାକ କିଡ଼୍ନି ନଷ୍ଟ ହେଇଯାଇଛି । ସେ ଆଉ ଅଳ୍ପଦିନ ବଂଚିବେ । ସାଆନ୍ତାଣି କହୁଛନ୍ତି ଯେତେ ଟଂକା କିଏ ନବ ବୁଝ କିଡ଼୍ନି ଟିଏ ଦେଲେ ସାଆନ୍ତେ ଭଲ ହୋଇଯିବେ । ହେଲେ ଏଠି କିଡ଼୍ନି କିଏ ଦବ ? ଚାକର ର ପାଟିରୁ କଥା ନ ସରୁଣୁ ନଟିଆ କହିଲା ମୁଁ ଦେବି । ଶେଷରେ ସେଇଆ ହେଲା । ନଟିଆ କିଡ଼୍ନି ଟିଏ ଦେଇ ପଇସା ଆଣି ପୂର୍ଣ୍ଣିମାର ମେଡ଼ିକାଲ ପଢ଼ିବା ଖର୍ଚ୍ଚ କଲା । ଶନିଆ 'ମା' ପୁଣି ପଚାରିଲା ନଟିଆରେ ପଇସା ପୁଣି ଏତେ ଆଣିଲୁ କୋଉଠୁ ? ନଟିଆ ସବୁ କଥା କହିଲା । ଶନିଆ ମା ଶୁଣି ତା ମୁଣ୍ଡ ଘୁରେଇ ଦେଲା । କହିଲା ଏ କ'ଣ କଲୁ ? ଏତେ କାମକୁ । ଭଲ କି ଖଣ୍ଡେ ଖାଉନୁ । ପୁଣି କିଡ଼୍ନି ଦେଇ ଦେଲୁ । ଝିଅ ପଢ଼ିବା ପାଇଁ ତୁ କଣ ସତରେ ମଣିଷ ? ନଟିଆ କହିଲା ମୋ ରାଣ ମୋ ପୂର୍ଣ୍ଣିମା କୁ ଏ ସବୁ କିଛି କହିବୁନି । ଏମିତି ପୂର୍ଣ୍ଣିମା ର ପାଠ ପଢ଼ା ସୁରୁଖୁରୁ ରେ ଚାଲିଥାଏ । ସମସ୍ତଙ୍କ ଠାରୁ ବେଶ୍ ଭଲ ନମ୍ବର ରଖୁଥାଏ । ନଟିଆ ର ଖୁସି କହିଲେ ନ ସରେ । ଝିଅ ମୋର ଡାକ୍ତରାଣୀ ହେବ । ମୁଁ ନଟିଆ ଧୋବା ରୁ ସମସ୍ତେ ମତେ ପୂର୍ଣ୍ଣିମା ଡାକ୍ତରାଣୀ ଙ୍କର ବାପା ବୋଲି ଚିହ୍ନିବେ । ମନ ତାର ଏତେ ଖୁସି ଯେ, ରାତି ସାରା ବସି ଗୁରେଇ ଫଟୋ ସାଙ୍ଗରେ କ'ଣ ଏଣୁ ତେଣୁ ଝିଅ କଥା କହି ଗପୁଥାଏ । କାଲି ଆମ ଝିଅ ଡାକ୍ତରାଣୀ ହେଇ ଫେରିବ । ଜୀବନ ସାରା ର ସବୁ ଦୁଃଖ କୁ ନଟିଆ ଭୁଲି ଯାଇ ଗୋଟିଏ ନୂଆ ରଙ୍ଗ ଭରା ସକାଳ କୁ ଅପେକ୍ଷା କରିଥାଏ । ରାତିରେ ନିଦ ନାହିଁ । ଡାକ୍ତରାଣୀ ଝିଅକୁ କେମିତି ପାଛୋଟି ନେବ । ଠାକୁର ଏ ମଳିମୁଣ୍ଡିଆ ଧୋବା ହାତରେ ମଣି, କାଂଚନ ମୋ ହାତରେ ଦେଇଛନ୍ତି । ରାତି ପାହିଲା ସକାଳ ହେଲା । ସବୁ କାମ ଛାଡ଼ି ନଟିଆ ଦାଣ୍ଡରୁ ଘର ପୁଣି ଘରୁ ଦାଣ୍ଡ ଏମିତି ଚାଲିଥାଏ । ଖୁସିରେ ଆତ୍ମହରା ହେଇଯାଉଥାଏ । କଣ ପାଇଁ ଏତେ ଡେରି କରୁଛି । କେତେ ବେଳେ ତା ଝିଅ ଆସିବ ? ଏମିତି ଅଖିଆ ଅପିଆ ରେ ବସିଥାଏ । ଅପଖଳା, ମଇଳା ଲୁଗାଟିକୁ ସେମିତି ଗୁଡ଼େଇ ହେଇଥାଏ । ସମୟ ଗଡ଼ି ଗଲାଣି । କାହିଁକି ଆସୁନି ? ସଞ୍ଜ ନଇଁ ଲାଣି । କଣ ହେଲା ? ଭାବି ଭାବି ନଟିଆ ର ମନଟା ଗୋଳେଇ ଘାଂଟି ଦେଇ ଯାଉଥାଏ । ମନଟା କୁ କେତେ ପାପ ଛୁଉଁଥାଏ । ଶେଷରେ ଦାଣ୍ଡରେ ପାଟି ଶୁଭିଲା । ଖୁସିରେ ଏକ ମୁହାଁ ହେଇ ଧାଇଁଲା । ସିଏ ତାର ଝିଅ ନଥିଲା । ଥିଲା ଝିଅର ଶବ । ତାକୁ ଦେଖି ନଟିଆଟା ସେଇଠି ଟଳି ପଡ଼ିଲା । ଏତେ ଦୁଃଖ ସହି, ସହି ପଥର ହେଇ ଜାଇ ଥିବା ନଟିଆ ଆଜି ଏତେ ବଡ଼ ଅନ୍ୟାୟ ଅବିଚାର ତା ସାଙ୍ଗରେ ହେଇଗଲା । ସେ ସେଇଠି ଖାଲି ଟଳି ପଡ଼ି ନଥିଲା ତା ପ୍ରାଣ ବାୟୁ ସେଇଠି ଚାଲି ଯାଇଥିଲା । ଗାଁ ବାଲା ଯିଏ ଯେତେ ଡାକିଲେ, ହଲେଇଲେ ନଟିଆ କାହାର ଡାକକୁ ନ ଶୁଣି ଆରପାରିକୁ ଚାଲିଗଲା ।

ଶନିଆ 'ମା' ବାବୁଙ୍କ ପାଖକୁ ଯାଇ ସାହସ ବାନ୍ଧି ସବୁ ପଚାରିଲା । ଇଏ କେମିତି ମଲା ? ବାବୁ

ଜଣଙ୍କ ଚିଠି ଟି ବାହାର କରି ଦେଖେଇଲେ । ଶନିଆ 'ମା' ଗାଁର ଗୋଟେ ପିଲା ନବଘନକୁ ଦେଲା ପଢ଼ିବାକୁ । ନବଘନ ପଢ଼ି ସାରି କହିଲା, ପୂର୍ଣ୍ଣିମା ଗୋଟେ ପିଲାକୁ ଭଲ ପାଉଥିଲା । ଆଉ ସେ ପିଲା ଏଇ ଚିଠିରେ ତାକୁ ବାହା ହେବନି ବୋଲି ଲେଖି ଦେଇଛି । ଆଉ ତାକୁ ଧୋକା ଦେଇଛି । ସେହି ଧୋକାର ଯନ୍ତ୍ରଣା ସହି ନ ପାରି ପୂର୍ଣ୍ଣିମା ଆଜି ଏତେ ବଡ଼ ପଦକ୍ଷେପ ନେଇଛି । ଶନିଆ 'ମା' ପୂର୍ଣ୍ଣିମାକୁ ଧରି ବାହୁନି ବାହୁନି କାନ୍ଦୁଥାଏ । ଏ କଣ କଲୁ ।

ତୁ ତୋ ବାପାକୁ ଏତେ ବଡ଼ ଧୋକା ଦେଲୁ ? ଯିଏ ସାରା ଜୀବନ ର ମେହେନତର ରୋଜଗାର ତୋ ପାଇଁ ଖର୍ଚ୍ଚ କରିଥିଲା । ତାର ସବୁ କୋହକୁ ନିଜ ଭିତରେ ଚାପି ଧରି ତାର ସବୁ ସୁଖକୁ ଆଞ୍ଜୁଳା ରେ ଭରିଦେଇଥିଲା । ଯିଏ ୨୫ ବର୍ଷ ପାଳି ପୋଷି ବଡ଼ କଲା ଆଉ ଶେଷରେ ତୋ ପାଇଁ ତାର ଝାଳ, ରକ୍ତ ଆଉ ନିଜର ଅଙ୍ଗ ବିକ୍ରି କରିବାକୁ ବି ପଛେଇଲା ନାହିଁ । ତୁ ଥରେ ତା କଥା ଭାବିଲୁନି । ତୋ ମା ମରିଯାଇଛି ବୋଲି ଯିଏ ତତେ ଥରେ ବି ଭାବିବାକୁ ଦେଇନି, ଆଉ ନିଜ ସୁଖ ଭୁଲି ଗଲା କେବଳ ତୋ ପାଇଁ । ସ୍ତ୍ରୀ ମରିବା ପରେ କାଳେ ତୋ ଉପରେ କିଛି ଆଂଚ ଆସିବ, ସେଥିପାଇଁ ସେ ଆଉଥରେ ବିବାହ କରିବାକୁ ଜମା ରାଜି ହେଲାନି । ସାରା ଜୀବନ ନିସଙ୍ଗ ଅବସ୍ଥାରେ କଟେଇ ଦେଲା । କିନ୍ତୁ ତା ବଦଳରେ ତୁ ଏଇ ବର୍ଷେ କି ବେଶିହେଲେ ୫ ବର୍ଷ ର ପ୍ରେମ ସମ୍ପର୍କ ତୋତେ ଧୋକା ଦେଲା ବୋଲି ତୁ ୨୫ବର୍ଷ ଚାହିଁ ଚାହିଁ ବସିଥିବା ବାପାକୁ ଧୋକା ଦେଲୁ । କହି କହି କାନ୍ଦୁଥାଏ ଶନିଆ 'ମା' । ପ୍ରକୃତ ଧୋକା କିଏ କାହାକୁ ଦେଇଛି ? ତୁ ତୋ ବାପାକୁ ଦେଲୁ ନା ତୋ ପ୍ରେମିକ ତୋତେ ଦେଲା । ଏମିତି ଏଣୁ ତେଣୁ ପ୍ରଶ୍ନ ପୂର୍ଣ୍ଣିମା ର ଶବକୁ ଧରି ପଚାରି ଚାଲିଥାଏ ।

ଶନିଆ 'ମା' କହୁଥାଏ ମୋ କଥା ସମସ୍ତେ ଶୁଣ । ବର୍ଷେ ଦୁଇବର୍ଷ ର ସମ୍ପର୍କ ପାଇଁ ୨୫, ୩୦ ବର୍ଷର ସମ୍ପର୍କକୁ ଛାରଖାର କରିଦିଅନି । ପୂର୍ଣ୍ଣିମା ର ଜୀବନର ଯେମିତି ପୁନରାବୃତ୍ତି ଆମ ଗାଁ ରେ ନ ହୁଏ । ଏତିକି ମୋର ମୋ ନାତି, ନାତୁଣୀଙ୍କୁ ଅନୁରୋଧ ।

ଗୋଟେ ମା ତାର ଜୀବନ ବିନିମୟ ରେ ଜୀବନ ଦେଲା । ଆଉ ବାପାଟି ବଂଚିବା ଟା ମରିବା ସଙ୍ଗେ ସମାନ କରି ଝାଳ, ରକ୍ତ, ଅଙ୍ଗ ସବୁ ତୁମ ପାଇଁ ଦେବାରେ ଟିକେ ବି କୁଣ୍ଠାବୋଧ କଲା ନାହିଁ । ହେଲେ ସେ ଧୋକାବାଜ୍ ପାଇଁ ବର୍ଷ ପରେ ବର୍ଷ ଗଣି ଗଣି ବଡ଼ କରୁଥିବା ବାପାକୁ କଣ ଏଇ ପୁରସ୍କାର ତୁମେ ଦେଲ ? ତୁମ ବାପା ତୁମ ପାଇଁ ତୁମ 'ମା' କୁ ଭୁଲିବାକୁ ବାଧ ହେଲା । ହେଲେ ତା'ର ତପସ୍ୟା କୁ ଏମିତି ଭାବେ ଭାଙ୍ଗିଦେଲ ? ଥରେ ଏ କର୍ମ କରିବା ପୂର୍ବରୁ ସେଇ ଲୁହଭିଜା ଆଖି ଆଉ ଲୁଗା ଗଣ୍ଠିଲି ଧରି ଫେରୁଥିବାର ଝାଳ ବୁହା ଦେହଟା ତୁମକୁ କଣ ଦେଖା ଗଲାନି । ମା ଛେଉଣ୍ଡ ପିଲାଟିକୁ ପାଳିବା, ଆଉ ମନର କୋହକୁ ଚାପି ତୁମକୁ ହସେଇବା ଛବିଟା କଣ ତୁମ ଆଖି ଆଗରେ ଥରେ ନାଚି ଉଠିଲାନି ? ତୁମ ପାଇଁ ତୁମ ବାପା ଅପେକ୍ଷା ସେ ଧୋକାବାଜ୍ ପ୍ରେମିକ ଏତେ ମହାନ୍ ହେଇଗଲା ?

***ନୂଆପଡ଼ା, ବାଲିସାହି***

# ମଣିଷ ପଣିଆ

*ପ୍ରସନ୍ନ କୁମାର ଜେନା*

ଏ ଅଦିନିଆ ଝଡ଼ବର୍ଷା କେଉଁଠି ଥିଲା କେଜାଣି, ଲଗାତାର ଛଅ ଦିନ ହେଲା ଚାଲିଚି । ଏବେ ତ ଆଉ ଶ୍ରାବଣରେ ବି ଏମିତି ହେଉନି, ପ୍ରକୃତି କୁଆଡ଼େ ନିଜ ସନ୍ତୁଳନ ହରାଇ ସାରିଲାଣି ମଣିଷ ଗୁଡ଼ାକର ମନଇଚ୍ଛା ଉତ୍ପୀଡ଼ନରେ । ଜମିବାଡ଼ି ତ ଟାଙ୍ଗରା ହେଲାଣି କେବେଠୁ, ବିଲ ଯାକ ପଡ଼ିଆ ପଡ଼ିଛି । ଚାଷବାସରେ ଆଗ ଭଳି କୁଟୁମ୍ବ ଚଳେଇବା ଏଡ଼େ ସହଜ ପଡ଼ିନି, ପାଚିଲା ଲୋକ ପଦାରେ କାମଧାମ ଧରି ଧନ୍ଦି ହେଲେଣି, ଗାଁ ଟିକୁ ଭିକାରି ବି ଆସିବାର ନାଆଁ ନାଇଁ, କି ପାଇଁ ଆସନ୍ତେ ଯେ । ଆସିଚି ଯିଏ ଦେଖୁନା କେମିତି ତିଥିବାର ଖୋଜି ସମାନ ସପ୍ତମୀଠୁ ଏଯାବତ ଯିବାର ନାଆଁ ଧରୁନି, ଧୋଇ ନେବ ଯେମିତି ସବୁ କିଛି । ଏ ବେଳକୁ ସମୁଦ୍ର କୁଆଡ଼େ ଫୁଲିଯାଏ ବୋଲି ପାଣି ତୁଟେନି । ଘଡ଼ି ଘଡ଼ିକେ ଖରାପ ଖବର ଶୁଣିବାକୁ ମିଳୁଛି । ହେ ଭଗବାନ, ତମେ ହିଁ ସାହା ଭରସା ।

ସଦାନନ୍ଦ ମଉସା କହନ୍ତି ବତିଶ ବର୍ଷ ତଳେ ଏମିତିକା ବର୍ଷା କାଳେ ହେଇଥିଲା, ଛେଳି ମେଣ୍ଢା ଗାଈଗୋରୁ ସହ ବହୁ ସଂଖ୍ୟାରେ ମଣିଷ ବି ଭାସି ଯାଇଥିଲେ ତାଙ୍କ ଗାଆଁ ବାଉଁଶପଲ୍ଲୀର । କୋଉ କାଳେ ବାଉଁଶ ଝାଡ଼ିରେ ଭରପୁର ଥିଲା ସିନା ଏବେ ତ ଆମରି ଝାଡ଼ି ବି ବିରଳ । ବିପତ୍ତିରେ ପଡ଼ି ଯିଏ ଯେମିତି ପାରିଲା ଜୀବନ ବଂଚେଇ ଥିଲେ । ଧାନ ଫସଲ ପଚି ଯାଇଥିଲା, ବନ୍ୟା ପରେ ନିଜ ନିଜର ଘରବାଡ଼ି ଚିହ୍ନଟ କରିବା କଷ୍ଟକର ହୋଇଥିଲା । କାହିଁକି ନା, ଅଳ୍ପ କେତେକ ପକ୍କା ଘର ଛାଡ଼ିଲେ ଅଧିକାଂଶ ମାଟିଚାଳର ଘର ନିଶ୍ଚିହ୍ନ ହୋଇ ସାରିଥିଲା ।


ଘରେ ସାଇତା ଖାଦ୍ୟ ସାମଗ୍ରୀ ବି ଶେଷ ହେଲାଣି, ଗଡ଼ିଆ ପୋଖରୀରେ ପାଣି ଉଛୁଳୁଛି । ସରୀସୃପ ମାନେ ଘରକୁ ପଶି ଆସୁଛନ୍ତି । ହେଲେ ଗାଆଁ ଲୋକଙ୍କ ଭିତରେ ସଦ୍‌ଭାବନା ଥିବାରୁ ପରସ୍ପର ସାହା ଭରସା ହୋଇ ନଈବଢ଼ିକୁ ସାମ୍ନା କରି ଚାଲିଛନ୍ତି । ସେହି ଗାଆଁକୁ ଫଟାକପାଳୀ ଝିଅ ହେମ, ନଅବର୍ଷ ତଳେ ହାତ ଧରିଥିଲା ନୂଆସାହିର ବିପ୍ର ର । ଝଗଡ଼ା କରି ଏବେ ବାପଘରେ ରହୁଛି, ଅସଲ କଥାଟି ହେଲା ବିପ୍ର ଘୋଡ଼ା ମଦୁଆ । ପିଲାପିଲି  ହେଲେନି ଯେ ଦିନେ ହେଲେ କେଉଁ ଡାକ୍ତରଙ୍କୁ ଦେଖେଇନି । ସବୁବେଳେ କଳିକଜିଆ ଯୋଗୁଁ ଶେଷକୁ ବାଧ ହୋଇ ଆସି ଯାଇଛି । ଏଇ ମଉସା ଘର ବିଲବାଡ଼ିରେ କାମଧାମ କରି ବାପଛେଉଣ୍ଡ ଦି ଭାଇଙ୍କୁ ବାହାଚୁଡ଼ା କରି ସାରିଲାଣି । ଲଗାତାର ବର୍ଷା ଯୋଗୁଁ ଅନେକଙ୍କ ଘରେ ଦି ଦିନରୁ ଚୁଲି ଜଳିନି । ଏବେ ଡକାଡକି ହୋଇ କାନ୍ଦବୋବାଳୀ ଛାଡ଼ି ଲୋକେ ପାାହାଡ଼ ଭଳି ଉଚ୍ଚ ସ୍ଥାନକୁ ମୁହେଁଇଲେଣି । ବୁଢ଼ାମାନେ ଠେଙ୍ଗା ଧରି ବୁକେ ପାଣିରେ ବାଟ କଢ଼େଇ ନେଉଛନ୍ତି, ବେଳ ଥାଉ ଥାଉ ଯାହିତାହି ଆଶ୍ରୟ ତିଆରି କରିବାକୁ ହେବ । ସମସ୍ତେ ହାଣ୍ଡି ଡେକ୍‌ଚି, ଖାଇବା ଜିନିଷ ଆଉ ଛୁଆପିଲାଙ୍କୁ ଧରି ବାହାରିଲେଣି । ହେମ ବି ଭାଇ ଭାଉଜ ଓ ତାଙ୍କ ପିଲାଙ୍କୁ ଧରି, ଗୋଟେ ଝୁଡ଼ିରେ ଜିନିଷପତ୍ର ସହ ପାଣି ମାପି ମାପି ଆଗେଇଲା, ହେଲେ ଅଥୟ ମନରେ କେଜାଣି କଣ ଭାବୁଥିଲା ଏପଟ ସେପଟ ଅନେଇ ଅନେଇ । କିଛି ବାଟ ଆଗରେ ବିପ୍ରର ଘରଲୋକେ ବି ଯାଉଥିବାର ଦେଖିଲା, ହେଲେ ଛାତି ତାର ଧଡ଼ଧଡ଼ ହେଉଥାଏ । କେତେ ଜଣ ଅଶୁଭ ଚିନ୍ତା ତାକୁ ଖାଇ ଗୋଡ଼ାଉଥାଏ, ବିପ୍ର କାହିଁ ? ଏଯାଏଁ ତ ଦିଶୁନି, ତାକୁ ଛାଡ଼ି କଣ ଏମାନେ ଆସିଗଲେ ? ବିଚରା ଚାଲବୁଲ କରି ପାରୁନି, ଶୋଯଟାରେ ପଡ଼ି ହଗି ମୁତି ଘାଂଟି ହେଉଛି ବୋଲି ତାଙ୍କ ସାହିର ଭଗିବୋଉ କହୁଥିଲା ।

ଭାବୁ ଭାବୁ ତା' ପାଦ ଅଟକି ଯାଇଥିଲା, ତାକୁ ହଲେଇ ଦେଇ ବଡ଼ବୋହୁ କହୁଥିଲା- ଏ ନାନୀ, ଛିଡ଼ା ହୋଇ ରହିଲ ଯେ, ଆଗକୁ ଚାଲ । ହେମ ଆଉ ସମ୍ଭାଳି ନପାରି ହଠାତ୍ ମୁଣ୍ଡର ଝୁଡ଼ିଟାକୁ ବଡ଼ବୋହୂକୁ ଧରାଇ ପଛକୁ ବୁଲି ନୂଅସାହି ଆଡ଼େ ମୁହାଁଇଲା । ପଛରୁ ସଭିଏଁ ପାଟି କରୁଥାନ୍ତି- କଣ ହେଲା, କୁଆଡ଼େ ଯାଉଛ ? ସାଥିରେ ଯାଉଥିବା ସଦାନନ୍ଦ ମଉସା ଠିକ୍ ଅନୁମାନ କରି ନେଇଥିଲେ ଆଉ ସିଏ ବି ହେମ ପଛେ ପଛେ ଫେରିବାକୁ ଲାଗିଲେ । ହେମ ଏକମୁହାଁ ହୋଇ ନିଜ ସ୍ୱାମୀ ଘର ପାଖରେ ପହଂଚି ଚିହ୍ନିବାକୁ ଚେଷ୍ଟା କଲା, ଅନୁମାନ କରି ନଅବର୍ଷ ତଳେ ନିଜେ ସଜାଡ଼ି ଥିବା ଘର ଦୁଆର ପେଲି ଭିତରକୁ ପଶିଗଲା ।

ସତକୁ ସତ ଘରର ଉପର ଭାଡ଼ିରେ ବିପ୍ରକୁ ଶୁଆଇ ଦେଇ ତା ଘରଲୋକେ ଛାଡ଼ି ଯାଇଥିଲେ । ଚାଲବୁଲ କରି ନ ପାରୁଥିଲେ ବି ବିପ୍ର କ୍ଷୀଣ ସ୍ୱରରେ କିଏ ବୋଲି ପଚାରନ୍ତେ ଆଉ ସହି ନପାରି ଭୋ ଭୋ କାନ୍ଦିବାକୁ ଲାଗିଲା ହେମ । ମୁଁ ହେମ ବୋଲି କହୁକହୁ ଆଉ ବଳମ୍ବ ନକରି କୌଣସି ଉପାୟରେ ବିପ୍ରକୁ ଘୋଷାରି ଆଣିଲା ତଳକୁ । ନିଜର ମଣିଷକୁ କାନ୍ଧରେ ପକାଇ ପଦାକୁ ବାହାରିଛି କି ନାଇଁ ଲଥ୍ କିନା ଭୁଷୁଡ଼ି ପଡ଼ିଲା ପୂର୍ବ ପଟର କାନ୍ଥଟା ।

ସଦା ମଉସାଙ୍କ ଆଖି ଜକେଇ ଆସିଲା, ହେମର ମଣିଷ ପଣିଆ ଦେଖି । ଦୁହେଁ ଯେନତେନ ପ୍ରକାରେ ବିପ୍ରକୁ ଉଠାଇ ଫେରିଥିଲେ ।

ଘରନଂ- ଏଫ୍/୧୩
ସେକ୍ଟର-୪, ରାଉରକେଲା- ୭୬୯୦୦୨


CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
“ଜାଗରେ ନବୀନ ତରୁଣ” ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି ‘ପ୍ରାଚୀ’ ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ’ ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି ‘ପ୍ରାଚୀ’

**ସମ୍ପାଦକ : ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**